## ସଂକ୍ଷେପରେ

### ଅଭାବ,ଅନଟନ ଯୋଗୁ ମହିଳାଙ୍କ ଆତ୍ମହତ୍ୟା

ଧର୍ମଶାଳା,୫।୨(ବଟକୃଷ୍ଣ ପରିଡ଼ା)

ଯାଜପୁର ଜିଲା ଧର୍ମଶାଳା ଥାନା ମିର୍ଜାପୁର ପଞ୍ଚାୟତ ସାଲେପୁର ଗ୍ରାମରେ ଜଣେ ମହିଳା ବେକରେ ଶାଢ଼ି ବାନ୍ଧି ଆତ୍ମହତ୍ୟା କରିଛନ୍ତି । ମୃତକ ହେଲେ ସାଲେପୁର ଗ୍ରାମର ପୁନିଆ ବେହେରାଙ୍କ ସ୍ତ୍ରୀ ତଥା ଢେଙ୍କାନାଳ ଜିଲା ନିହାଲପ୍ରସାଦ ଥାନା ଅଧୀନ ବେଲମାଳିଆ ଗ୍ରାମର ଗୋପାଳ ସେନାପତିଙ୍କ ଝିଅ ସରସ୍ୱତୀ(୨୯)। ଗତ ୪ ବର୍ଷ ତଳେ ସେ ବୈଦିକ ରୀତିରେ ପୁନିଆଙ୍କୁ ବିବାହ କରିଥିଲେ । ପୁନିଆ ବାହାରେ ଦାଦନ ଖଟୁଥିବା ବେଳେ ପରିବାର ଲୋକେ ଆର୍ଥିକ ଅନାଟନରେ ରହିଥିଲେ । ଏହାକୁ ନେଇ ସ୍ୱରସ୍ୱତୀ ମାନସିକ ଦୁଶ୍ଚିନ୍ତାରେ ଥିଲେ । ରବିବାର ରାତିରେ ସେ ଆତ୍ମହତ୍ୟା କରିଥିଲେ। ଅଭାବ ଅନାଟନ ଯୋଗୁ ମାନସିକ ଚାପରେ ରହି ତାଙ୍କ ଝିଅ ଆତ୍ମହତ୍ୟା କରିଥିବା ଗୋପାଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୪/୨୪) ରୁଜୁ କରିଛି । ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି ବୋଲି ଥାନା ଅଧିକାରୀ ତପନ କୁମାର ନାୟକ ସୂଚନା ଦେଇଛନ୍ତି।

### ରାମ୍‌କୋ ଅଧିକାରୀଙ୍କୁ ପିସ୍ତଲ ଦେଖାଇ ଧମକ, ଯୁବକ କୋର୍ଟ ଚାଲାଣ

ଧର୍ମଶାଳା,୫।୨(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ଥାନା ହରିଦାସପୁର ରାମ୍‌କୋ ସିମେଣ୍ଟ କାରଖାନାର କାର୍ଯ୍ୟରତ ଜଣେ ଅଧିକରୀଙ୍କୁ ତାଙ୍କ କାର୍ଯ୍ୟାଳୟରେ ଏକ ପିସ୍ତଲ ଦେଖାଇ ଧମକ ଦେବା ଓ କମ୍ପ୍ୟୁଟର ଉଠାଇ ନେବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେ ହେଲେ ଥାନୁଆଳ ପଞ୍ଚାୟତ ମୁରାରୀପୁର ଗ୍ରାମର ବିଜୟ କୁମାର ପଣ୍ଡା ଓରଫ ଗୁନ । ଗତ ୧ ତାରିଖ ମଧ୍ୟାହ୍ନରେ ବିଜୟ ଏକ ବାଇକରେ ରାମ୍‌କୋ ସିମେଣ୍ଟ କାରଖାନାକୁ ଯାଇ କମ୍ପାନୀର ଆକାଉଣ୍ଟ ଅଧିକାରୀଙ୍କୁ ବନ୍ଧୁକ ଦେଖାଇ ମାରିଦେବାକୁ ଧମକ ଦେବା ସହିତ କମ୍ପ୍ୟୁଟର ଉଠାଇ ନେଇ ଆସିଥିଲେ । ଏନେଇ କମ୍ପାନୀ ପକ୍ଷରୁ ଡିଜିଏମ୍ (ସୁରକ୍ଷା ବିଭାଗ) ଧର୍ମଶାଳା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଏତଲାକୁ ଭିତ୍ତିକରି ପୋଲିସ ଏକ ମାମଲା(ନଂ.୧୦୯/୨୪)ରୁଜୁ କରି ଅଭିଯୁକ୍ତ ବିଜୟକୁ ଗିରଫ କରିଥିଲା । ପଚରା ଉଚରା ପରେ ସୋମବାର ତାଙ୍କୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଛି।

### ଠାକୁର ଅନୁକୂଳଚନ୍ଦ୍ରଙ୍କ ଆବିର୍ଭାବ ମହୋତ୍ସବ

ଧର୍ମଶାଳା,୫।୨(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ବ୍ଲକ ଜାରକାସ୍ଥିତ ସତ୍‌ସଙ୍ଗ କେନ୍ଦ୍ର ପରିସରରେ ଠାକୁର ଅନୁକୁଳ ଚନ୍ଦ୍ରଙ୍କ ୧୩୬ ତମ ଆବିର୍ଭାବ ମହୋତ୍ସବ ପାଳିତ ହୋଇଯାଇଛି । ଶନିବର ସକାଳ ୬ ଘଟିକା ଠାରୁ ଉଷାବିନତୀ ପ୍ରାର୍ଥନା ଓ ସଦଗ୍ରନ୍ଥାଦୀ ପାଠ, ସକାଳ ୯ଟାରେ ଶୋଭାଯାତ୍ରା ସହ ନଗର କୀର୍ତ୍ତନ ଅନୁଷ୍ଠିତ ହୋଇଥିଲା । ପୂର୍ବାହ୍ନ ସାଢ଼େ ୧୧ସମୟରେ ସତ୍‌ସଙ୍ଗ ଓ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ରିତିକ ଅଚ୍ୟୁତାନନ୍ଦ ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ରିତିକ କୁମୁନ୍ଦ ଚନ୍ଦ୍ର ପ୍ରଧାନ, ରିତିକ ଡ. ବିଜୟ କୁମାର ନାୟକ,ରିତିକ ଶ୍ରୀଧର ଚନ୍ଦ୍ର ମିଶ୍ର ପ୍ରମୁଖ ଯୋଗଦେଇ ସାମ୍ପ୍ରତିକ ସମସ୍ୟାର ସମାଧାନରେ ଠାକୁର ଅନୁକୁଳ ଚନ୍ଦ୍ରଙ୍କ ଭାବାଦର୍ଶନ ଉପରେ ଆଲୋକପାତ କରିଥିଲେ । ସତ୍‌ସଙ୍ଗ କେନ୍ଦ୍ରର ସଭାପତି ରାମଚନ୍ଦ୍ର ସାହୁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ । ମା'ମାନଙ୍କ ଦ୍ୱାରା ମାତୃସମ୍ମିଳନୀ ଅନୁଷ୍ଠିତ ହୋଇଥିଲା ।

# ହାତଛଡ଼ା ହେଲା ସରପଞ୍ଚଙ୍କ ସୁଯୋଗ

## ସ୍ୱତନ୍ତ୍ର ପଞ୍ଚାୟତ ସମିତି ବୈଠକ

ରସୁଲପୁର,୫।୨(ରଞ୍ଜିତ ରାଉତ)

ରସୁଲପୁର ବ୍ଲକ ସମ୍ମିଳନୀ କକ୍ଷରେ ଚଳିତ ମାସ ୩ତାରିଖରେ ସ୍ୱତନ୍ତ୍ର ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ସରପଞ୍ଚମାନଙ୍କର ଉପସ୍ଥାନ ନଗଣ୍ୟ ରହିଥିଲା । ସେଦିନ ପ୍ରତ୍ୟେକ ପଞ୍ଚାୟତରେ ବିଶ୍ୱ ଭାଷା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକରେ ସରପଞ୍ଚମାନେ ବ୍ୟସ୍ତ ରହିଥିବାରୁ ସମିତି ବୈଠକରେ ଯୋଗଦେବା ସମ୍ଭବପର ହୋଇପାରି ନ ଥିଲା । ଏହି କ୍ରମରେ ସରପଞ୍ଚମାନଙ୍କୁ ବୈଠକ ବିତର୍କରେ ଅଂଶଗ୍ରହଣ କରିବାର ସୁଯୋଗ ହାତଛଡା ହୋଇଥିଲା । ବୈଠକକୁ ତରବରିଆ ଭାବରେ ଶେଷ କରାଯାଇଥିଲା । ଅନ୍ୟ କାର୍ଯ୍ୟରେ ବ୍ୟସ୍ତତା ଦର୍ଶାଇ ରସୁଲପୁର ବିଡିଓ ଅବନୀକାନ୍ତ ସାହୁ ପଞ୍ଚାୟତ ସମିତି ବୈଠକକୁ ଶେଷ କରି ଦେଇଥିଲେ । ଏହାକୁ ନେଇ ନିର୍ବାଚିତ ପ୍ରତିନିଧିମାନଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟାଶୀଳ ହୋଇପଡିଛନ୍ତି ।

ଏହି ପଂଚାୟତ ସମିତି ଅଧୀନରେ ୨୮ ପଞ୍ଚାୟତ ରହିଛି । ପଞ୍ଚାୟତର ନିର୍ବାଚିତ ପ୍ରତିନିଧି ସରପଞ୍ଚ, ସମିତିସଭ୍ୟାସଭ୍ୟ, ସମସ୍ତ ବିଭାଗୀୟ ଅଧିକାରୀ, ଲାଇନ୍ ଡିପାର୍ଟମେଂଟ ଅଧିକାରୀଗଣ ବୈଠକରେ ଯୋଗଦେବାର ନିୟମ ରହିଛି । ଉକ୍ତ ବୈଠକରେ ବିଧାୟକ, ଏମ୍‌ପି,ପଞ୍ଚାୟତ ପ୍ରତିନିଧିମାନେ ତୃଣମୂଳାସ୍ତରରେ ରହୁଥିବା ସମସ୍ୟାକୁ ଆଲୋଚନା ମାଧ୍ୟମରେ ସମାଧାନ କରିବା ପାଇଁ ବୈଠକ ଏକ ଉପଯୁକ୍ତ ସ୍ଥାନ ଅଟେ । ବୈଠକରେ ୨୦୨୪-୨୫ ଆର୍ଥିକବର୍ଷ ପାଇଁ କେନ୍ଦ୍ରୀୟ ପଞ୍ଚାଦଶ ଅନୁଦାନ, ରାଜ୍ୟ ପଞ୍ଚମ ଅନୁଦାନ, ଏମଜିଏନଆରଜିଏସ, ପାନୀୟଜଳ, ସ୍ୱାସ୍ଥ୍ୟ, ଶିକ୍ଷା, କୃଷି ସମେତ ବହୁ ବିଭାଗର ପ୍ରକଳ୍ପକୁ ଅନୁମୋଦନ ମିଳିବା ସହ ତାର ବ୍ୟୟବରାଦ୍ଦ ମଞ୍ଜୁର ମିଳିବାର ଯୋଜନା ରହିଥିଲା । ଏହିଭଳି ଏକ ଗୁରୁତ୍ୱପୂର୍ଣ୍ଣ ବୈଠକକୁ ରସୁଲପୁର ବିଡିଓ ସାହୁ ଅତିତରବରିଆ ଭାବରେ ଡାକିବାକୁ ଜନପ୍ରତିନିଧିମାନେ ସନ୍ଦେହ ଦୃଷ୍ଟିରେ ଦେଖୁଛନ୍ତି । ଏହାଛଡା ବୈଠକ ଡାକିବା ପାଇଁ ନିର୍ଦ୍ଧାରିତ ସମୟର ଛୁଟିଦିନ ଛାଡି ୭ଦିନ ପୂର୍ବରୁ ନୋଟିସ ସମିତିର ସଭ୍ୟାସଭ୍ୟମାନଙ୍କ ପାଖରେ ପହଁଚିବା ବିଧି ରହିଛି । ଏହି ଆଳରେ ବିଡିଓ ସାହୁ ମିଟିଂ ନିୟମକୁ ଖୋଲାଖୋଲି ଉଲଙ୍ଘନ କରିଥିବା ଜଣାଯାଇଛି । ବୈଠକ ଦିବସରେ ପଂଚାୟତରେ ଅନ୍ୟ କାର୍ଯ୍ୟକ୍ରମ ଆୟୋଜନ ପାଇଁ ସରକାରୀ ନିର୍ଦ୍ଦେଶନାମା ରହିଥିବା ଜାଣି ବିଡିଓ ସେହି ଦିବସକୁ ସ୍ୱତନ୍ତ୍ର ବୈଠକ ପାଇଁ କିଭଳି ଚୟନ କଲେ ତାକୁ ନେଇ ସରପଞ୍ଚମାନେ ପ୍ରଶ୍ନ ଉଠାଇଛନ୍ତି । ନିର୍ବାଚନ ପୂର୍ବରୁ ଉକ୍ତ ଅର୍ଥକୁ ମନଇଚ୍ଛା ଖର୍ଚ୍ଚ କରିବାକୁ ଭିତିରି ଯୋଜନା କରାଯାଇଛି । ଏହି ବୈଠକ ଆଳରେ ସମିତି ଅଧିନରେ ଥିବା କୋଟି କୋଟି ଟଙ୍କା ବ୍ୟୟବରାଦ କରିବା ପାଇଁ ଏହି ବୈଠକ ଉଦିଷ୍ଟ ଥିଲା ବୋଲି କେତେଜଣ ସରପଞ୍ଚ ମତ ରଖିଛନ୍ତି । ସ୍ୱତନ୍ତ୍ର ବୈଠକ ପାଇଁ କୋରମର ଆବଶ୍ୟକତା ନ ଥିବା ଜାଣି ବିଡିଓ ଏଭଳି ପଦକ୍ଷେପ ନେଇଛନ୍ତି ବୋଲି ଅଭିଯୋଗ ହେଉଛି । ଏହାଛଡା ବୈଠକକୁ ତରବରିଆ ଭାବେ ଆୟୋଜନ କରାଯିବା, ବୈଠକରେ ସରପଞ୍ଚ ଓ ସମିତିସଭ୍ୟାସଭ୍ୟମାନେ ଯୋଗ ଦେଇନଥିବାରୁ ଉକ୍ତ ବୈଠକକୁ ବାତିଲ କରାଯାଉ । ପୁନଃର୍ବାର ବୈଠକ ଆହ୍ୱାନ କରିବାକୁ ସରପଞ୍ଚମାନେ ଦାବି କରିଛନ୍ତି । ବୈଠକରେ ପଞ୍ଚାୟତ ସମିତି ଅଧକ୍ଷ ଅରୁଣ କୁମାର ରାଉତ ଅଧକ୍ଷତା କରିଥିଲେ । ରସୁଲପୁର ବିଡିଓ ସାହୁଙ୍କ ସମେତ ପଞ୍ଚାୟତ ସମିତି ଉପାଧକ୍ଷା ଜୟନ୍ତୀ ଦାଶ, ଗ୍ରାମପଞ୍ଚାୟତ ସଂପ୍ରସାରଣ ଅଧିକାରୀ ସୁଧିର କୁମାର ମହାନ୍ତି ପ୍ରମୁଖ ଯୋଗଦେଇ ଥିଲେ । ଏ ସଂପର୍କରେ ରସୁଲପୁର ବିଡିଓ ଅବନୀକାନ୍ତ ସାହୁଙ୍କୁ ପଚାରିବାରୁ ଯାହାକିଛି ହୋଇଛି ନିୟମ ଅନୁଯାୟୀ ହୋଇଛି ବୋଲି କହିଛନ୍ତି ।

# ପ୍ଲାଷ୍ଟିକ୍ ବର୍ଜନ ସଚେତନତା କର୍ମଶାଳା



ପ୍ଲାଷ୍ଟିକ ବର୍ଜନ ସଚେତନତା କର୍ମଶାଳାରେ ସାମିଲ ହୋଇଥିବା ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀଶିକ୍ଷକ।

କାଏମା,୫।୨(ଶିବପ୍ରସାଦ ମହାନ୍ତି)

ଧର୍ମଶାଳା ବ୍ଲକ ଅଭୟପୁର ପଞ୍ଚାୟତ ଦାମୋଦର ବିଦ୍ୟାପୀଠ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଓଡ଼ିଶା ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ଆନୁକୂଲ୍ୟରେ ପ୍ଲାଷ୍ଟିକ ବର୍ଜନ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି କର୍ମଶାଳାରେ ବିଦ୍ୟାଳୟର ୟୁଥ ଆଣ୍ଡ ଇକୋ କ୍ଲବର ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଚିତ୍ରାଙ୍କନ ଓ ରଚନା ପ୍ରତିଯୋଗିତା ଅନୁଷ୍ଠିତ ହେଇଥିଲା । ପ୍ଲାଷ୍ଟିକ ପରିବେଶ ଉପରେ କୁପ୍ରଭାବ ପକାଉଛି । ପଶୁପକ୍ଷୀ ତଥା ପ୍ରାଣୀମାନଙ୍କର ଜୈବ ବିବଧତା ଉପରେ ପ୍ରତିକୂଳ ପ୍ରଭାବ ପକାଇବା ଦ୍ୱାରା ସେମାନଙ୍କ ବଂଶ ବୃଦ୍ଧି ତଥା ଜୀବନ ଉପରେ ପ୍ରଭାବ ପକାଉଛି। ପ୍ଲାଷ୍ଟିକ ବ୍ୟବହାର ବନ୍ଦ କରିବା ଉଚିତ ବୋଲି ବିଭାଗୀୟ ଅଧିକାରୀ ଭରତ ଚନ୍ଦ୍ର ଜେନା କହିଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମନସ୍ୱିନୀ ଆଇଚ ପ୍ଲାଷ୍ଟିକଠାରୁ ଦୂରେଇ ରହିବା ପାଇଁ ତଥା ନିଜ ପରିବାରର ଅନ୍ୟମାନଙ୍କୁ ବ୍ୟବହାର ନ କରିବା ପାଇଁ ପିଲାମାନଙ୍କୁ ସଚେତନ କରାଇ ଥିଲେ । ପରେ ବିଦ୍ୟାଳୟର ଶିକ୍ଷୟିତ୍ରୀ,ଶିକ୍ଷକ, ଛାତ୍ରୀଛାତ୍ର ଓ ବିଭାଗୀୟ ଅଧିକାରୀମାନେ ପ୍ଲାଷ୍ଟିକ ବର୍ଜନ ବିଷୟରେ ଜନସାଧାରଣଙ୍କୁ ସଚେତନ କରିବା ନିମନ୍ତେ ଅଚ୍ୟୁତପୁର, ନିଳାଦେଇପୁର, ରତନପୁର ଆଦି ଆଖପାଖ ଗ୍ରାମରେ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା ।

# ଦୁର୍ଘଟଣା ଘଟାଉଥିବା ଡିଭାଇଡର ଭାଙ୍ଗିଲା ପୂର୍ତ୍ତ ବିଭାଗ

## ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ତତ୍ପରତା

ଯାଜପୁରରୋଡ଼,୪।୨(ପବିତ୍ର ରଞ୍ଜନ ମହାନ୍ତି)

୨୦ନଂ.ଜାତୀୟ ରାଜପଥର ବେଣାପୁର ଛକରୁ ଦଳା ପୂର୍ତ୍ତ ବିଭାଗ ରାସ୍ତାର ସମ୍ପ୍ରସାରଣ କାର୍ଯ୍ୟ କରାଯାଇ ରାସ୍ତା ମଝିରେ ନିର୍ମାଣ ହୋଇଥିବା ଡିଭାଇଡ଼ରକୁ ପୂର୍ତ୍ତ ବିଭାଗ ଭାଙ୍ଗିଛି । ଉକ୍ତ ରାସ୍ତାରେ ଡିଭାଇଡ଼ର ନିର୍ମାଣ ହେବାଦିନ ଠାରୁ ପ୍ରତିଦିନ ଛୋଟ ବଡ଼ ଦୁର୍ଘଟଣା ଘଟୁଥିଲା । ଏ ନେଇ ଗତ ମାସ ୯ ତାରିଖରେ 'ଡିଭାଇଡ଼ରରେ ଫସିଲା ବସ, ଦୁର୍ଘଟଣାରୁ ବର୍ତ୍ତିଲେ ଛତ୍ରୀଛାତ୍ର' ଶୀର୍ଷକ ଖବର ଧରିତ୍ରୀରେ ପ୍ରକାଶ ପାଇଥିଲା । ଏହାପରେ ବିଭାଗୀୟ ତତ୍ପରତା ପ୍ରକାଶ ପାଇଥିଲା । ରବିବାର ପୂର୍ତ୍ତ ବିଭାଗର ନିର୍ଦ୍ଦେଶରେ ରାସ୍ତା କାର୍ଯ୍ୟ କରୁଥିବା ସାଇଶମ୍ଭୁ ଇନ୍ଫ୍ରା ଠିକାଦାର ସଂସ୍ଥା ଉକ୍ତ ଡିଭାଇଡରକୁ ମେଶିନ ସାହାଯ୍ୟରେ ଭାଙ୍ଗିଛି । ଫଳରେ ଉକ୍ତ ରାସ୍ତାରେ ଡିଭାଇଡର ପାଇଁ ଘଟୁଥିବା ଦୁର୍ଘଟଣାରୁ ଆଶ୍ୱସ୍ତି ମିଳିଛି । ରାସ୍ତାରେ ଟ୍ରାଫିକ ନିୟନ୍ତ୍ରଣ ସହ ଦୁର୍ଘଟଣା କମାଇବା ପାଇଁ ଡିଭାଇଡ଼ର ନିର୍ମାଣ କରାଯାଇଥାଏ । ହେଲେ ଡିଭାଇଡ଼ର ନିର୍ମାଣ ହେବା ଫଳରେ ରାସ୍ତାଟି ସଙ୍କୁଚିତ ହୋଇ ଲୋକମାନଙ୍କ ଯାତାୟତରେ ସମସ୍ୟା ସୃଷ୍ଟି କରିବା ସହ ଦୁର୍ଘଟଣାର କାରଣ ସାଜିଥିଲା । ଅନ୍ୟପକ୍ଷେ ବିଭାଗୀୟ ଅଧିକାରୀଙ୍କ ଦୁରଦୃଷ୍ଟି ଅଭାବରୁ ଡିଭାଇଡ଼ର ନିର୍ମାଣ ବାବଦ ଖର୍ଚ୍ଚ ହୋଇଥିବା ସରକାରୀ ଅର୍ଥ ପାଣିରେ ପଡ଼ିଲା ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି ।


ଡିଭାଇଡରକୁ ମେଶିନ ସାହାଯ୍ୟରେ ଭଙ୍ଗାଯାଉଛି ।

## ବରୀ ପାଇଁ ଗୌରବ ଆଣିଲେ ହରେଶ

ବରୀ,୫।୨(ମହେନ୍ଦ୍ର ସ୍ୱାଇଁ)

ଯାଜପୁର ଜିଲା ବ୍ରଜସୁନ୍ଦର ସରକାରୀ ଉଚ୍ଚ ବିଦ୍ୟାଳୟ ସଇଦପୁରର କ୍ରୀଡ଼ା ଶିକ୍ଷକ ହରେଶ କୁମାର ଦାସଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଛି । କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ସମାରୋହରେ ଶିକ୍ଷକ ହରେଶ କୁମାର ଦାସଙ୍କୁ ଶିକ୍ଷା ଓ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଶିକ୍ଷାମନ୍ତ୍ରୀ ସୁଦାମ ମାରାଣ୍ଡି, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ପ୍ରଦୀପ ଅମାତ ଏବଂ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟ୍ରଫି ପ୍ରଦାନ କରିଥିଲେ । ବରୀ ଅଞ୍ଚଳର ଏହି ଶିକ୍ଷକ ପିଲାଦିନରୁ ବହୁ ସଂଘର୍ଷକରି ଆଜି ଏହି ସମ୍ମାନର ଅଧିକାରୀ ହୋଇ ପାରିଛନ୍ତି । ଏହି ଖବର ଜଣାପଡିବା ପରେ ସ୍ଥାନୀୟ ସରପଞ୍ଚ ସୋନାଲି ସିଂ ପୁଷ୍ପଗୁଚ୍ଛ ସହିତ ଉପଢ଼ୌକନ ଦେଇ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ନିଜ ପ୍ରତିକ୍ରିୟାରେ ହରେଶ କହିଛନ୍ତି, ନିଷ୍ଠାପର ସହିତ କାମ କଲେ ସମସ୍ତେ ଦିନେ ନା ଦିନେ ସଫଳ ହୋଇ ପାରିବେ ।

# ଭାଜପା, ବିଜେଡିର ମିଶ୍ରଣ ପର୍ବ

କଳିଙ୍ଗନଗର,୫।୨(ଶୁଭାଶିଷ ରାଉତ)

ନଡ଼ିଆଭଙ୍ଗା ଗ୍ରାମରେ ଭଜପା ପକ୍ଷରୁ ଏକ ମିଶ୍ରଣ ପର୍ବ ଅୟୋଜିତ ହୋଇଥିଲା । କର୍ମୀମାନେ ଭାଜପା ବିଧାୟକ ପ୍ରାର୍ଥୀ ପ୍ରଦୀପ ବଳ ସାମନ୍ତଙ୍କୁ ଏକ ମଟର ସାଇକଲ ଶୋଭାଯାତ୍ରାରେ ପାଛୋଟି ଆଣିଥିଲେ । ଜିଲା ଯୁବ ଭାଜପା ସଭାପତି ବିଶ୍ୱଜିତ ରାଜ, ଜିଲା ସମ୍ପାଦକ ପ୍ରତାପ ଧିର, ରାଜ୍ୟ ପରିଷଦ ସଦସ୍ୟ ପ୍ରଶାନ୍ତ ରାୟ, ଜିଲା ସାଧାରଣ ସମ୍ପାଦକ ସୁଧାଂଶୁ ଭଞ୍ଜ, ମଣ୍ଡଳ ସଭାପତି ଅଜିତ ଦାସ, ସଞ୍ଜୟ ମହାନ୍ତି ଓ ରବିନ୍ଦ୍ର ମୋହନ ଜେନା, ବରିଷ୍ଠ ଭାଜପା ନେତା ଅମଳେନ୍ଦୁ ବେହୁରା, ପବିତ୍ର ମୋହନ ମହାପାତ୍ର, ଜଗବନ୍ଧୁ ଦାସ, ବୁଡାନ ସିଂ ଯାମୁଦା ପ୍ରମୁଖଙ୍କ ଉପସ୍ଥିତିରେ ଶତାଧିକ ବିଜେଡି ଓ କଂଗ୍ରେସ ଦଳର ସମର୍ଥକ ଭାଜପାରେ ଭାବେ ସାମିଲ ହୋଇଥିଲେ । ବିଜେପି ନେତା ବଳସାମନ୍ତ ନୂତନ ସଭ୍ୟ ମାନଙ୍କୁ ଉତ୍ତରୀୟ ଓ ଦଳୀୟ ଟୋପି ପିନ୍ଧାଇ ସ୍ୱାଗତ କରିଥିଲେ । ସେହିପରି ସୁକିନ୍ଦା ବିଜେଡି ପକ୍ଷରୁ ମିଶ୍ରଣ ସଭା କରାଯାଇଥିଲା । ନଡ଼ିଆଭଙ୍ଗା ଠାରେ ବିଜେଡ଼ି ପକ୍ଷରୁ ୩ଟି ସ୍ଥାନରେ ପୃଥକ ପୃଥକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା । ଏଠାରେ ଶତାଧିକ ବିଜେପି ଓ କଂଗ୍ରେସ ସମର୍ଥକଙ୍କୁ ବିଜେଡି ରେ ଆନୁଷ୍ଠାନିକ ଭାବେ ସାମିଲ କରାଯାଇଥିଲା ।

ନଡ଼ିଆଭଙ୍ଗା ଠାରେ ଅୟୋଜିତ ମିଶ୍ରଣ ପର୍ବରେ ଦାନଗଦି ବ୍ଲକ ଅଧ୍ୟକ୍ଷା ଅର୍ଚ୍ଚନା ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟତମ ଅତିଥି ଭାବେ ଜିଲା ପରିଷଦ ସଭ୍ୟା ସୁଚିତ୍ରା ବିଶାଳ, ଟିନା ହାଇବ୍ରୁ, ସ୍ମୃତିରାଣୀ ରାଉତ, ଜନଜାତି ଉନ୍ନୟନ ପରିଷଦର ଉପାଧ୍ୟକ୍ଷା ସୁନାମଣୀ ହାଁସଦା, ସମିତି ସଭ୍ୟା ବାଲେମା ତିୟୁ, ସରପଞ୍ଚ ରଶ୍ମିତା ସାହୁ, ଜିଲା ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ମୁର୍ମୁ ପ୍ରମୂଖ ଉପସ୍ଥିତ ରହିଥିଲେ । ନୂତନ ସଭ୍ୟମାନଙ୍କୁ ଅତିଥିମାନେଉତ୍ତରୀୟଦେଇ ଦଳକୁସ୍ୱାଗତ କରିଥିଲେ । କାରାମଗୋଠ ଓ ଜାମୁପଶି ଠାରେ ମଧ୍ୟ ବିଜେଡି ପକ୍ଷରୁ ଅନୁରୂପ ମିଶ୍ରଣ ପର୍ବ ଅୟୋଜିତ ହୋଇଥିଲା ।

# ଓଡ଼ିଆ ଭାଷା ସମଗ୍ର ଜାତିର ମାନଦଣ୍ଡ

## ଅଭିମନ୍ୟୁ ସାମନ୍ତ ସିଂହାର ଡିଗ୍ରୀ ମହାବିଦ୍ୟାଳୟରେ ନୂଆ-ଓ କାର୍ଯ୍ୟକ୍ରମ

ବରୀ,୫।୨(ମହେନ୍ଦ୍ର ସ୍ୱାଇଁ)

ଓଡ଼ିଆ ଭାଷାର ଅସ୍ତିତ୍ୱକୁ ରକ୍ଷାକରିବା ପ୍ରତ୍ୟେକ ଓଡ଼ିଆଙ୍କ କର୍ତ୍ତବ୍ୟ ବୋଲି ସୋମବାର ଅଭିମନ୍ୟୁ ସାମନ୍ତ ସିଂହାର ଡିଗ୍ରୀ ମହାବିଦ୍ୟାଳୟରେ ଆୟୋଜିତ ନୂଆ-ଓ ତଥା ଯୁବ ବିକାଶ କାର୍ଯ୍ୟକ୍ରମର ଦ୍ୱିତୀୟ ଦିବସରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ଅଧ୍ୟକ୍ଷ ସୁଧିର କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ରାଜ୍ୟ ସରକାରଙ୍କ ଦ୍ୱାରା ଆହୁତ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଉପରେ ଆଲୋଚନା କରାଯାଇଥିଲା । ଏହି ଅବସରରେ ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକ ଓ କର୍ମକର୍ତ୍ତାମାନଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା । ପରେ ଶ୍ରୀଜଗନ୍ନାଥ ସଂସ୍କୃତି କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା ସାହିତ୍ୟର ଅସ୍ତିତ୍ୱ ଓ ଭବିଷ୍ୟତ ବିଷୟରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ସାହିତ୍ୟିକ, ସମାଲୋଚକ ତଥା ପ୍ରାଧ୍ୟାପକ ଡ.ରବିନ୍ଦ୍ର ବିହାରୀ ମୁଖ୍ୟଅତିଥି ଭାବେ ଯୋଗଦାନ କରି ଉକ୍ତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ସାହିତ୍ୟିକ ତଥା ବ୍ରହ୍ମବରଦା ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରାଧ୍ୟାପକ ମହେଶ୍ୱର ଚନ୍ଦ୍ର ପାଢୀ ମୁଖ୍ୟବକ୍ତା ଭାବେ ଯୋଗଦାନ କରି ଭାଷା ସାହିତ୍ୟର ଅସ୍ତିତ୍ୱ ଆମ ହାତରେ । ଇଂଲିଶ ସାହିତ୍ୟ ପ୍ରବେଶ ଓ ତାହାକୁ ଅନୁକରଣ ଦ୍ୱାରା ଓଡ଼ିଆ ଭାଷାର ଅବକ୍ଷୟ ହୋଇଛି ବୋଲି କହିଥିଲେ । କୌଣସି ଭାଷା ଶିକ୍ଷା ବହୁତ ଭଲକଥା କିନ୍ତୁ ନିଜର ମାତୃଭାଷାର ଅବକ୍ଷୟକୁ କେହି ବି ଓଡିଆ ବରଦାସ୍ତ କରିବା ଏକ ବିପର୍ଯ୍ୟୟକୁ ଆମନ୍ତ୍ରଣ କରେ ବୋଲି ଆମକୁ ବୁଝିବାକୁ ହେବ ବୋଲି ପ୍ରକାଶ କରିଥିଲେ । ପ୍ରାରମ୍ଭରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ଗାନ କରାଯାଇଥିଲା । ଶ୍ରୀ ଜଗନ୍ନାଥ ଭଜନ ଜଣାଣରେ ବିଭିନ୍ନ ନୃତ୍ୟ ପ୍ରଦର୍ଶନ କରାଯାଇଥିଲା । ସମ୍ମାନୀତ ଅତିଥି ଭାବେ ନୋଡାଲ ଅଫିସର ଅଧ୍ୟାପକ ପ୍ରଭାକର ଜେନା, +୨ ଅଧ୍ୟକ୍ଷ ମଳୟ କୁମାର ଜେନା, ଅଧ୍ୟାପକ ପ୍ରମୋଦ କୁମାର ଦାସ, ଅଧ୍ୟାପକ ଦାମୋଦର ସାହୁ ପ୍ରମୁଖ ଯୋଗଦାନ କରିଥିଲେ । ପୂର୍ବରୁ ଆୟୋଜିତ ଶ୍ରୀ ଜଗନ୍ନାଥ ଚେତନା ଉପରେ ବକ୍ତୃତା, ପ୍ରବନ୍ଧ, କୁଇଜ, ଓଡିଆ ହସ୍ତାକ୍ଷର, ନୃତ୍ୟ ଆଦି ପ୍ରତିଯୋଗିତା କୃତୀ ଛାତ୍ରୀଛାତ୍ରମାନଙ୍କୁ ମାନପତ୍ର ଓ ପୁରସ୍କାର ବିତରଣ କରାଯାଇଥିଲା । ଅଧ୍ୟାପିକା ସୁଶ୍ରୀ ସଂଗୀତା ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।



ନୂଆ -ଓ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ କୃତୀ ପ୍ରତିଯୋଗିଙ୍କୁ ପୁରସ୍କୃତ କରୁଛନ୍ତି।

# ଭାଷା ସାହିତ୍ୟ ସୃଜନଶୀଳତା ଉତ୍ସବ


ଜଣେ କୃତୀ ଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଉଛି ।

ବଡ଼ଚଣା,୫।୨(ଦିଲ୍ଲୀପ କୁମାର ମହାନ୍ତି)

ଚଣ୍ଡିଖୋଲ ନିକଟସ୍ଥ ନୁଆସୁଙ୍ଗୁଡ଼ା ୟୁପିଏସ୍ ବିଦ୍ୟାଳୟ ପରିସରରେ ମଣ୍ଡଳସ୍ତରୀୟ ଭାଷା, ସାହିତ୍ୟ,ସୃଜନଶୀଳତା ଉତ୍ସବ ମଣ୍ଡଳ ଶିକ୍ଷା ଅଧିକାରୀ ସବିତା ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଅବସର ପ୍ରାପ୍ତ ସହ ଶିକ୍ଷା ଅଧିକାରୀ ମମତା ଦାସ ଯୋଗଦେଇ ମାତୃ ଭାଷା ଗୋଟିଏ ଜାତିର ଆତ୍ମା , ମାତୃଭାଷାରେ ସମ୍ମାନ ହିଁ ଜାତିର ସମ୍ମାନ ବୋଲି କହିଥିଲେ । ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରଜନୀକାନ୍ତ ପୃଷ୍ଟି, ସମ୍ମାନିତ ଅତିଥି ଭାବେ ସହଶିକ୍ଷାଅଧିକାରୀ ରତିକାନ୍ତ ସାମଲ ,ଦେବାଶିଷ ମଲିକ ଯୋଗଦେଇ ମା,ମାଟି ଓ ମାତୃଭାଷା ପ୍ରତି ଛାତ୍ରୀଛାତ୍ରମାନେ ସମ୍ମାନ ଦେବାକୁ ଆହ୍ୱାନ ଦେଇଥିଲେ । ଏହି ଉତ୍ସବରେ ୧୮ସାଧନ କେନ୍ଦ୍ର ସଂଯୋଜକ ଯୋଗ ଦେଇଥିଲେ । ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା । ଜିଲାସ୍ତରୀୟ ପ୍ରତିଯୋଗିତାକୁ ସାଇକ୍ରିଷ୍ଣା ସ୍ୱାଇଁ, ତୃପ୍ତିମୟୀ ସେନାପତି ,ଶାଶ୍ୱତ କୁମାର ସାହୁ ,ପ୍ରଜ୍ଞା ପ୍ରିୟଦର୍ଶିନୀ , କ୍ରୀତିମାନ ପୃଷ୍ଟି ,ରାଜ କୁମାର ବେଜ,ଜଗନ୍ନାଥ ବେହେରା ,ସିପ୍ରା ସମର୍ପିତା ସାହୁ ପ୍ରମୁଖ ମନୋନୀତ ହୋଇଥିଲେ । ଦୀପ୍ତି ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଆରମ୍ଭ ହେଲା କେଶ ଯାତ୍ରା, ରୋଶଣିରେ ଝଲସିଲା ଓଳାଶୁଣୀ ପୀଠ

ଚଣ୍ଡିଖୋଲ,୫।୨(ପ୍ରଦୀପ୍ତ କୁମାର ପୃଷ୍ଟି)


କେଶ ଯାତ୍ରାରେ ସାମିଲ ହୋଇଥିବା ଶ୍ରଦ୍ଧାଳୁ ।

ମହାପୁରୁଷ ସନ୍ଥ ଅରକ୍ଷିତ ଦାସଙ୍କ ବ୍ରହ୍ମଲିନ ଦିବସ ଅବସରରେ ଆରମ୍ଭ ହୋଇଥାଏ ଓଳାଶୁଣୀ ଗୁମ୍ଫା ମେଳା । ମଙ୍ଗଳବାର ମେଳା ଆରମ୍ଭ ହେବାର ଅବ୍ୟବହିତ ପୂର୍ବରୁ ପରମ୍ପରା ଅନୁଯାୟୀ ଏଠାରେ ହୁଏ କେଶ ଯାତ୍ରା । ସୋମବାର ସନ୍ଧ୍ୟାରେ ଏହି କେଶ ଯାତ୍ରା ଆରମ୍ଭ ହୋଇଥିଲା । ଏହା ରାତି ଦ୍ୱିତୀୟ ପ୍ରହରରେ ଓଳାଶୁଣୀ ପାହାଡ଼ର ଶୀର୍ଷ ଦେଶରେ ଥିବା ମହାପୁରୁଷଙ୍କ ସମାଧି ମନ୍ଦିର ପହଞ୍ଚିଛି ପ୍ରଥମେ ମଠର ମଠାଧୀଶ ମହନ୍ତ ନାମାନନ୍ଦ ଦାସ ଲଳିତ ଗିରି ଗ୍ରାମରେ ଥିବା ବିମାନକୁ ପୂଜାର୍ଚ୍ଚନା କରିବା ପରେ ଯାତ୍ରା ଆରମ୍ଭ ହୋଇଥିଲା । ସୂଚନା ଥାଉକି ମହାପୁରୁଷ ସନ୍ଥ ଅରକ୍ଷିତ ଦାସଙ୍କ ଏକ କେଶ ଝଡି ପଡିଥିବା ବେଳେ ୨୦୦ ବର୍ଷ ତଳେ ଏହାକୁ ଜହ୍ନି ମହାରଣା ସାଇତି ରଖି ପୂଜା କରୁଥିଲେ । ଆଶ୍ଚର୍ଯ୍ୟଜନକ ଭାବେ କେଶ ବଢ଼ି ଏବେ ଜଟ ରେ ପରିଣତ ହୋଇଛି । ଲଳିତ ଗିରି ଗ୍ରାମର କଳ୍ପତରୁ ମହାରଣାଙ୍କ ଘରେ ରହିଛି । ପ୍ରତ୍ୟେକ ବର୍ଷ ଦଶମୀ ତିଥିରେ ଏହି କେଶ ଯାତ୍ରା ହୋଇଥାଏ । କେଶ ବିମାନ ମହାପୁରୁଷଙ୍କ ସମାଧି ପୀଠରେ ପହଞ୍ଚିବା ପରେ ଓଳାଶୁଣୀ ମେଳା ଆରମ୍ଭ ହୋଇଥାଏ । ଚଳିତ ବର୍ଷ ହଜାର ହଜାର ଭକ୍ତ କେଶ ଯାତ୍ରାରେ ସାମିଲ ହୋଇଛନ୍ତି । ବିଭିନ୍ନ ପ୍ରକାର ବାଜା, ବାଣ, ଘଣ୍ଟ ଘୋଡା ନାଚ ଆଦି ରୋଷଣୀ ଲଳିତ ଗିରି ଗ୍ରାମରୁ ବାହାରି ଓଳାଶୁଣୀ ଅଭିମୁଖେ ଯାଉଛି । ମଠର ମଠାଧୀଶ କେଶ ଯାତ୍ରାର ଶୁଭାରମ୍ଭ କରିଥିବା ବେଳେ ଓଳାଶୁଣୀ ପାହାଡ ଶୀର୍ଷରେ ପହଞ୍ଚିଥିଲେ ଧୂପ, ଦୀପ , ଆଦି ପୂଜାର୍ଚ୍ଚନା କରି ସ୍ୱାଗତ କରିବେ ।

# ଚାଷଜମି,ଘରଡିହ ପଟ୍ଟା ଦାବିରେ ଦାନଗଦି ତହସିଲ ସମ୍ମୁଖରେ ବିକ୍ଷୋଭ

କଳିଙ୍ଗନଗର,୫।୨(ଶୁଭାଶିଷ ରାଉତ)



ଏସ୍‌ୟୁସିଆଇ ପକ୍ଷରୁ ଦାନଗଦି ତହସିଲ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

ସୋମବାବାର ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ଦାନଗଦି ଆଞ୍ଚଳିକ କମିଟି ପକ୍ଷରୁ ଦାନଗଦି ତହସିଲ ଅଫିସ ସମ୍ମୁଖରେ ଏକ ଗଣ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି । ବିକ୍ଷୋଭ ପୂର୍ବରୁ ବହୁ ସଂଖ୍ୟାରେ ଗରିବ ଜନସାଧାରଣ ମିଲିଟାରୀ ଛକରୁ ହାତରେ ବ୍ୟାନର,ପ୍ଲାକାର୍ଡ ଧରି ଏକ ଶୋଭାଯାତ୍ରାରେ ବାହାରି ଥିଲେ । ଦରଦାମ ବୃଦ୍ଧି ବନ୍ଦକର,ବର୍ଷ ବର୍ଷ ଧରି ଭୋଗ ଦଖଲ କରୁଥିବା ଚାଷଜମି ଓ ଘରଡିହ ପଟ୍ଟା ଅବିଳମ୍ବେ ଯୋଗାଇ ଦିଅ,ଶାଳିଜଙ୍ଗା ଗ୍ରାମ ପଞ୍ଚାୟତର ବେଣାପାଟିଆ ଗ୍ରାମବାସୀଙ୍କୁ ଚାଷଜମିର ପଟ୍ଟା ଯୋଗାଇ ଦେବା ଆମର ଦାବି, ଦାନଗଦି ଡାକ୍ତରଖାନାର ବିଭିନ୍ନ ବିଭାଗରେ ସ୍ଥାୟୀ ବିଶେଷଜ୍ଞ ଡାକ୍ତର ନିଯୁକ୍ତି ଦେବା ସହିତ ଅଲ୍ଟ୍ରାସାଉଣ୍ଡ, ଏକ୍ସରେ, ଏମ୍‌ଆରଆଇ ମେଶିନର ସୁବନ୍ଦୋବସ୍ତ କରିବା ଆଦି ଦାବି ଉପସ୍ଥାପନ କରିଥିଲେ । ଆଞ୍ଚଳିକ କମିଟି ସମ୍ପାଦକ ବିଜୟ ଜେନାଙ୍କ ସଭାପତିତ୍ୱରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । ଉକ୍ତ ସଭାରେ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ରାଜ୍ୟ କମିଟି ସଭ୍ୟ ସୁରେଶ ପ୍ରଧାନ, ବିଜୟା ନନ୍ଦ ମଲ୍ଲିକ, କେଦାର ନାଥ ସାହୁ, ଚାଷୀ ନେତା ନୃସିଂହ ମହାନ୍ତ, ରାଧାକାନ୍ତ ଜେନା,ସୁପାହି ମାଝି, ଶ୍ରମିକ ନେତା ରାଜକିଶୋର ମହାନ୍ତ,ଯୁବନେତା ଶରତ ବାରିକ, ମହିଳା ନେତ୍ରୀ ଲିଲି ମହାନ୍ତ ଓ ପାର୍ଟିର ବିଶିଷ୍ଟ ସଙ୍ଗଠକ ବିଜୟ ନାୟକ, ଗୋପୀ ନାୟକ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ଏକ ଦାବିପତ୍ର ତହସିଲଦାରଙ୍କୁ ପ୍ରଦାନ କରାଯାଇଥିଲା । ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ଜୋରଦାର କରାଯିବ ବୋଲି ସଙ୍ଗଠନ ପକ୍ଷରୁ ଚେତାବନୀ ଦିଆଯାଇଥିଲା ।

**ବେଆଇନ ବାଲି ଚାଲାଣ ବେଳେ ଓଲଟିଲା ହାଇୱା**

ପଟ୍ଟାମୁଣ୍ଡାଇ,(କଳ୍ପତରୁ ନାୟକ): ରବିବାର ରାତିରେ ପଟ୍ଟାମୁଣ୍ଡାଇ-ଚଉଦକୁଲାଟ ଘେରିବନ୍ଧ ରାସ୍ତାର ଚଉଦକୁଲାଟ ପାଳ ସେତୁ ନିକଟରେ ଏକ ଚୋରା ବାଲି ବୋଝେଇ ହାଇୱା ଭାରସାମ୍ୟ ହରାଇ ପୋଲ ତଳକୁ ଓଲଟି ପଡିଛି। ଦୁର୍ଘଟଣାରୁ ଡ୍ରାଇଭର ଓ ହେଲପର ଅଳ୍ପକେ ବର୍ତ୍ତିଯାଇଛନ୍ତି। ପଟ୍ଟାମୁଣ୍ଡାଇ ବ୍ରାହ୍ମଣୀ ନଦୀ ସଇରାଠାରୁ ପ୍ରତ୍ୟେକ ଦିନ ଶତାଧିକ ଟ୍ରିପ୍ ବାଲି ରାତିଦିନ ଚୋରା ଚାଲାଣ କରାଯାଉଥିବା ବେଳେ ପ୍ରଶାସନର ନୀରବଦ୍ରଷ୍ଟା ସାଜିଛି। ଫଳରେ ବାଲି ଚୋରା ଚାଲାଣକାରୀମାନେ ପ୍ରତିଯୋଗିତାମୂଳକ ଭାବେ ବାଲି ଚାଲାଣ କରିଚାଲିଛନ୍ତି। କେନାଲ ପୋଲ ନିକଟରେ ଭରସାମ୍ୟ ହରାଇ ରାସ୍ତାର ୧୦ ଫୁଟ ତଳକୁ ଖସିପଡ଼ିଥିଲା। ରାତି ଅନିଦ୍ରା ହୋଇ ଚାଳକ ହାଇୱା ଚଳାଉଥିବାରୁ ଏଭଳି ଦୁର୍ଘଟଣା ଘଟିଛି।

# ଆକାଉଣ୍ଟ ଯାଞ୍ଚ ପାଇଁ ବ୍ୟାଙ୍କରେ ଜମାକାରୀଙ୍କ ଭିଡ଼

**ଇଣ୍ଡିଆନ ବ୍ୟାଙ୍କରୁ ଜମାକାରୀଙ୍କ ଟଙ୍କା ହଡ଼ପ ଘଟଣା**

- ପୋଲିସ ଉପସ୍ଥିତିରେ ଚାଲିଲା ବ୍ୟାଙ୍କ
- ଟଙ୍କା ଫେରିପାଇବା ନେଇ ଜମାକାରୀ ଆଶଙ୍କାରେ

ଆଲି,୫।୨ (ବନମାଳୀ ସେନାପତି)

ସାଧାରଣ ଲୋକ ନିଜର ଅର୍ଥକୁ ସୁରକ୍ଷିତ ରଖିବା ନିମନ୍ତେ ବ୍ୟାଙ୍କ ଉପରେ ନିର୍ଭରକରି ଟଙ୍କା ଜମା କରୁଥିବା ବେଳେ ଅସାଧୁ କର୍ମଚାରୀମାନେ ସେହି ଜମାକାରୀଙ୍କ ଆକାଉଣ୍ଟରୁ ଟଙ୍କା ହଡ଼ପ କରିବାରେ ଲାଗିଛନ୍ତି। ଏହି ଘଟଣା ଏବେ ସାମ୍ନାକୁ ଆସି ଆଳି ଥାନାରେ ମାମଲା ହେବାରୁ ପୋଲିସ ବ୍ୟାଙ୍କର ପିଅନଙ୍କୁ ଗିରଫ କରି କୋର୍ଟ ଚାଲାଣ ପରେ ଦାୟିତ୍ୱ ସାରି ଦେଇଛି। ହେଲେ ସୋମବାର ଜମାକାରୀମାନେ ସେମାନଙ୍କ ଆକାଉଣ୍ଟରେ ଟଙ୍କା ଅଛି କି ନାହିଁ ଯାଞ୍ଚ କରିବା ଲାଗି ପ୍ରବଳ ଗହଳି କରିବା ସହ ବ୍ୟାଙ୍କକୁ ଘେରାଉ କରିଥିଲେ। ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବାରେ ବ୍ୟାଙ୍କ କାର୍ଯ୍ୟ ସ୍ୱାଭାବିକ ଚାଲିଥିଲା।

ସୂଚନା ଅନୁଯାୟୀ, ଆଳି ସିଙ୍ଗିରି ବଜାରଠାରେ ଥିବା ଇଣ୍ଡିଆନ ବ୍ୟାଙ୍କ ଶାଖାରେ ବିଲିକଣା ଗାଁର ସୁରେନ୍ଦ୍ର ନାୟକ, ରାଇସରପୁର ଗାଁର ଅଞ୍ଜନ ମହାଳିକ ଓ ଅଳିହା ଗାଁର ସଦାନନ୍ଦ ପୃଷ୍ଟିଙ୍କର ଥିବା ୭ଟି ଆକାଉଣ୍ଟରୁ ବ୍ୟାଙ୍କ କର୍ମଚାରୀମାନେ ଚତୁରତାର ସହିତ ପ୍ରାୟ ୮୫ ଲକ୍ଷ ଟଙ୍କା ଲୁଟି ନେଇଥିବା ଘଟଣା ଏବେ ସାମ୍ନାକୁ ଆସିଛି। ସୁରେନ୍ଦ୍ର ଦେଶ ବାହାରେ ରହୁଥିବା ବେଳେ ତାଙ୍କର ଦୁଇଟି ଆକାଉଣ୍ଟ, ତାଙ୍କ ସ୍ତ୍ରୀ ଓ ଦୁଇ ପୁଅଙ୍କ ଆକାଉଣ୍ଟରୁ ପ୍ରାୟ ୭୦ ଲକ୍ଷ ଟଙ୍କା ବ୍ୟାଙ୍କ କର୍ମଚାରୀ ଉଠାଇ ନେଇଛନ୍ତି। ରାଇସରପୁରର ଅଞ୍ଜନ ମହାଳିକଙ୍କ ଆକାଉଣ୍ଟରୁ ୧୧ ଲକ୍ଷ ୧୫ ହଜାର ଓ ଅଳିହା ଗାଁର ସଦାନନ୍ଦ ପୃଷ୍ଟିଙ୍କ ଆକାଉଣ୍ଟରୁ ଫିକ୍ସ କରିବା ନିମନ୍ତେ ୪ ଲକ୍ଷ ଟଙ୍କା ଉଠାଇ ନେଇଥିବା ସେମାନେ ଅଭିଯୋଗ କରିଛନ୍ତି। ଏଭଳି ଘଟଣା ସାମ୍ନାକୁ ଆସିବା ସହିତ ଗଣମାଧ୍ୟମରେ ଖବର ପ୍ରସାରଣ ହେବା ପରେ ସୋମବାର ସକାଳୁ ବ୍ୟାଙ୍କରେ ଅସମ୍ଭାଳ ଭିଡ଼ ପରିଲକ୍ଷିତ ହୋଇଥିଲା। ଜମାକାରୀମାନେ ବ୍ୟାଙ୍କ କର୍ମଚାରୀଙ୍କୁ ବ୍ୟାଙ୍କ ଖୋଲାଇ ନ ଦେବାରୁ ଘଟଣାସ୍ଥଳରେ ପୋଲିସ ପହଞ୍ଚି ଲୋକମାନଙ୍କୁ ବୁଝାଶୁଝା କରିବା ପରେ ବ୍ୟାଙ୍କ ଖୋଲିଥିଲା। ମାତ୍ର ପୂରା ଦିନ ପୋଲିସ ଉପସ୍ଥିତିରେ ବ୍ୟାଙ୍କ ଚାଲିଥିଲା। ଏହି ବ୍ୟାଙ୍କରେ ଆକାଉଣ୍ଟ ଥିବା ଜମାକାରୀମାନେ ନିଜ ନିଜ ବ୍ୟାଙ୍କ ଖାତା ଆଣି ନିଜର ଜମାରାଶି ଅଛି ନା ଲୁଟ୍ ହୋଇଛି ତାହା ଦେଖିବା ନିମନ୍ତେ ଭିଡ଼ ଜମାଇଥିଲେ। ସୋମବାର ଅନ୍ୟ କୌଣସି ଜମାକାରୀଙ୍କ ଟଙ୍କା ଲୁଟ ହୋଇଥିବା ନେଇ ତଥ୍ୟ ମିଳି ନ ଥିଲେ ମଧ୍ୟ ଜମାକାରୀଙ୍କ ମଧ୍ୟରେ ଭୟର ବାତାବରଣ ଖେଳିଯାଇଛି। କାରଣ ଏହି ବ୍ୟାଙ୍କରେ ସିଙ୍ଗିରି, ମାଣିକପାଟଣା, ଅରେହିକଣା, ପତ୍ରପୁର, ନରେନ୍ଦ୍ରପୁର, ଚଣ୍ଡିଆଗଡ଼ି ପଞ୍ଚାୟତର ହଜାର ହଜାର ଖାତା ରହିଛି। ଏ ନେଇ କଅଁରପୁର ଗ୍ରାମର ରଞ୍ଜନ ଭୂୟାଁ କୁହନ୍ତି, ବ୍ୟାଙ୍କରେ ୫୦ ହଜାର ଟଙ୍କାର କାରବାର କରିବା ନିମନ୍ତେ ପ୍ୟାନ୍ କାର୍ଡର ଆବଶ୍ୟକତା ଥିବା ବେଳେ ବିନା ଡକ୍ୟୁମେଣ୍ଟରେ କିପରି ଏତେଗୁଡ଼ାଏ ଅର୍ଥ ଜମାକାରୀଙ୍କ ଖାତାରୁ ଉଠିଲା ତାହାକୁ ନେଇ ସେ ପ୍ରଶ୍ନ କରିଛନ୍ତି। ଏପରିକି ଏହି ଘଟଣାରେ ପୂରା ବ୍ୟାଙ୍କର କର୍ମଚାରୀମାନେ ଥିବା ସେ ଅଭିଯୋଗ କରିଛନ୍ତି। ଏ ନେଇ ସିଙ୍ଗିରି ସରପଞ୍ଚ ଅକ୍ଷୟ ଦାସ କହିଛନ୍ତି, ବ୍ୟାଙ୍କର ସମସ୍ତ କର୍ମଚାରୀ ଏହି ଲୁଟରେ ଭାଗିଦାର ସାଜିଛନ୍ତି। ଜମାକାରୀଙ୍କ ନିକଟରୁ ଡବଲ ଡବଲ ଉଠାଣ ଫର୍ମ ଓ ଚେକ୍‌ବୁକ୍ ମାଧ୍ୟମରେ ଆକାଉଣ୍ଟରୁ ଟଙ୍କା ଉଠାଇ ଷ୍ଟାଫ୍ ଆକାଉଣ୍ଟକୁ ନେଇଯାଉଥିଲେ ବୋଲି ସୂଚନା ମିଳିଛି। ଏ ନେଇ ବ୍ୟାଙ୍କ ମ୍ୟାନେଜର, ଆଳି ଆଇଆଇସି ସବ୍ୟସାଚୀ ଶତପଥୀଙ୍କ ସମେତ ସ୍ଥାନୀୟ ଅଞ୍ଚଳର କେତେଜଣ ବ୍ୟକ୍ତି ଉପସ୍ଥିତ ରହି ଏହାର ସମାଧାନ ନିମନ୍ତେ ଆଲୋଚନା କରିଥିଲେ। କିନ୍ତୁ ଏତେ ବଡ଼ ଏକ ଠକେଇ ଘଟଣା ପରେ ଜମାକାରୀମାନେ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ଠକେଇର ଶିକାର ହୋଇଥିବା ଜମାକାରୀମାନେ ଟଙ୍କା ଫେରି ପାଇବେ କି ନାହିଁ ତାହାକୁ ନେଇ ଆଶା ଆଶଙ୍କାରେ ରହିଛନ୍ତି। ଏ ନେଇ ବ୍ୟାଙ୍କ ମ୍ୟାନେଜର ଓ ଆଇଆଇସି ଶତପଥୀଙ୍କ ପ୍ରତିକ୍ରିୟା ନେବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ସମ୍ଭବ ହୋଇ ନ ଥିଲା।



ଜମାକରୀ ଆକାଉଣ୍ଟ ଯାଞ୍ଚ ପାଇଁ ବ୍ୟାଙ୍କ ପରିସରରେ ଗହଳି କରିଛନ୍ତି।

## ସଂକ୍ଷେପରେ

### ଗହୀରମଥାରୁ ୨ ବୋଟ୍ ଜବତ, ୧୯ ମତ୍ସ୍ୟଜୀବୀ ଗିରଫ

ରାଜନଗର, ୫।୨(ଭାସ୍କର ରାଉତରାୟ)

ଗହୀରମଥା ସାମୁଦ୍ରିକ ନିଷିଦ୍ଧାଞ୍ଚଳରେ ବେଆଇନ ଭାବେ ମାଛ ମାରୁଥିବା ବେଳେ ବନ ବିଭାଗର ପାଟ୍ରୋଲିଂ ଟିମ୍ ୨ଟି ବୋଟ୍ ଜବତ କରିବା ସହ ଏଥିରେ ଥିବା ୧୯ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରିଛି। ଗହୀରମଥା ରେଞ୍ଜ ଅଫିସର ପ୍ରଦୋଷ ମହାରଣାଙ୍କ ନିର୍ଦ୍ଦେଶକ୍ରମେ ଫରେଷ୍ଟର ସୁରେଶ ଚନ୍ଦ୍ର ପୃଷ୍ଟି, ଫରେଷ୍ଟ ଗାର୍ଡ ଶତ୍ରୁଘ୍ନଙ୍କ ନେତୃତ୍ୱରେ ବନ ବିଭାଗର ପାଟ୍ରୋଲିଂ ଟିମ୍ ଏକକୁଳା, ଚିଞ୍ଚିରି ବିଟ୍ ନିକଟରେ ମା’ ଧମରାଇ ଓ ସାଇ ରଶ୍ମି ନାମକ ୨ଟି ବୋଟ୍‌କୁ ଜବତ କରିବା ସହ ଏଥିରେ ଥିବା ଶ୍ରୀମନ୍ତ ମଣ୍ଡଳ, ଶ୍ରୀମନ୍ତ ସିଂ, ଗୋବିନ୍ଦ ପାତ୍ର, ତପନ ମଣ୍ଡଳ, ନିତାଇ ଶେଟ, ରବୀନ୍ଦ୍ର ସିଂ, ସୁକୁମାର ସିଂ, ସିଧେଶ୍ୱର ମଣ୍ଡଳ, ଗୋବର୍ଦ୍ଧନ ଗିରି, ପୂର୍ଣ୍ଣଚନ୍ଦ୍ର ମାଝି, ଲକ୍ଷ୍ମୀଧର ମାଝି, ଶ୍ରୀକୃଷ୍ଣ ମଣ୍ଡଳ, ଦେବରାଜ ବେହେରା, ସପନ ମଣ୍ଡଳ, ବୁଦ୍ଧିରାମ ପରିଡା, କାଳନ୍ଦୀ ମାଝି, ରମେଶ ମଳିକ, ଗୟାଧର ମଳିକ ପ୍ରମୁଖ ୧୯ ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ଜବତ ୨ଟି ବୋଟ୍‌ରୁ ୧୫ କେଜି ମାଛ, ୨ଟି ଜିପିଏସ୍, ୫ଟି ଭିଏଚ୍ଏଫ୍, ୨ଟି ଫିସ୍ ଫାଇଣ୍ଡର ଓ ୧୨ଟି ଟ୍ରଲିଂ ଜାଲ, ୧ଟି କାନି ଜାଲ, ୧ଟି ଲିଶା ଜାଲ ଓ ୧ଟି ଟୋନେ ଜାଲ ଜବତ କରାଯାଇଛି।

### ଟ୍ୟାଙ୍କରରୁ ଚୋରି ଅଭିଯୋଗରେ ୩ ଗିରଫ

ମାର୍ଶାଘାଇ,୫।୨ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ମାର୍ଶାଘାଇ ଥାନା ପୋଲିସ ୨ଟି ଟ୍ୟାଙ୍କରରୁ ଚୋରି କରିଥିବା ଅଭିଯୋଗରେ ୩ଜଣଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। କୁଜଙ୍ଗ ଥାନା ଅନ୍ତର୍ଗତ ସମାଗୋଳ ଗାଁର ଶୁଭାଶିଷ ନନ୍ଦ ମାର୍ଶାଘାଇ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ସେ ପଶ୍ଚିମବଙ୍ଗର ମୁନା ଖାନଙ୍କ ୨ଟି ତେଲ ଟ୍ୟାଙ୍କଲରୁ ବୁଝାବୁଝି କରନ୍ତି। ମାସକ ତଳେ ଗାଡ଼ି ୨ଟି ମାର୍ଶାଘାଇ ଥାନା ଅନ୍ତର୍ଗତ ଜାତୀୟ ରାଜପଥର କୁସୁନୁପୁର ଛକ ପାର୍କିଂରେ ରହିଥିଲା। ରବିବାର ସେ ପାର୍କିଂରେ ଗାଡ଼ି ଦୁଇଟି ନ ଥିବା ଦେଖି ମାର୍ଶାଘାଇ ଥାନାରେ ଅଭିଯୋଗ କରିଥିଲେ। ମାର୍ଶାଘାଇ ଥାନା ଏଏସଆଇ ସଞ୍ଜୀବ କୁମାର ଖଟୁଆ ଘଟଣାର ତଦନ୍ତ କରି ବିହାର ମୁଙ୍ଗେର ଜିଲା ଖଡ଼କପୁର ଥାନା ଅନ୍ତର୍ଗତ ହାବିଳ ଗ୍ରାମର ଅବଧେଶ ଯାଦବ (୩୮) ଖଡ଼କପୁର ଥାନା ଅନ୍ତର୍ଗତ ତ୍ରିବେରିଆ ଗାଁର ଅରବିନ୍ଦ ସିଂ (୩୦), କୋଲକତା ଇକବାଲପୁର ଥାନା ଅନ୍ତର୍ଗତ ଭୁକୁଲାସ ରୋଡ଼ର ସୁନି ସ (୨୬)ଙ୍କୁ ଗିରଫ କରିବା ସହ ଗାଡ଼ ୨ଟି ଜବତ କରିଥିଲା। ଥାନାରେ ନଂ. ୩୩/୨୪ରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ତଦନ୍ତକାରୀ ଅଧିକାରୀ ଖଟୁଆ ପ୍ରକାଶ କରିଛନ୍ତି।

### ଖସାଡ଼ି-ଟୁବିହୁଡ଼ା ରାସ୍ତାର ଶିଳାନ୍ୟାସ

ମାର୍ଶାଘାଇ,୫।୨ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ହିନ୍ଦୁଳିଆ ପଞ୍ଚାୟତର ଖସାଡ଼ିଠାରୁ ଭାୟା ହିନ୍ଦୁଳିଆ, ନଉଡି ଟୁବିହୁଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତାର ଶିଳାନ୍ୟାସ ମହାକାଳପଡ଼ା ବିଧାୟକ ତଥା ଖାଦ୍ୟ ଯୋଗାଣ, ସମବାୟ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ସୋମବାର କରିଛନ୍ତି। ୩ କୋଟି ୯୦ ଲକ୍ଷ ଟଙ୍କା ବ୍ୟୟ ବରାଦରେ ଏହି ରାସ୍ତା ନିର୍ମାଣ କରାଗଲେ ପଞ୍ଚାୟତ ଯୋଗାଯୋଗ କ୍ଷେତ୍ରରେ ଆହୁରି ଆଗକୁ ଯିବ ବୋଲି ମନ୍ତ୍ରୀ କହିଛନ୍ତି। ପରେ ମନ୍ତ୍ରୀ ନାୟକ ହିନ୍ଦୁଳିଆ ଗ୍ରାମରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମରେ ସାମିଲ ହୋଇ ପଦଯାତ୍ରାରେ ଯାଇ ନବୀନ ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟକ୍ରମ ବିଷୟରେ ଲୋକମାନଙ୍କୁ ବୁଝାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧକ୍ଷା ମଧୁସ୍ମିତା ସାମଲ, ଉପାଧ୍ୟକ୍ଷା ଉର୍ମିଳା ମହାନ୍ତି, ବ୍ଲକ ବିଜେଡି ସଭାପତି ସଞ୍ଜୟ ଲେଙ୍କା, ଜିଲା ବିଜୁ କୃଷକ ସେଲ ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ଦାସ, ଜିଲା ପରିଷଦ ସଭ୍ୟ ଦୁର୍ଗାବତୀ ପ୍ରଧାନ, ପ୍ରତାପ ମଲ୍ଲିକ, ରଶ୍ମିରଞ୍ଜନ ରାଉତ, ସରପଞ୍ଚ ମନୋଜ ସ୍ୱାଇଁ, ବ୍ଲକ ଆମ୍ବା ଅଧକ୍ଷ ପ୍ରଦୀପ୍ତ ଗାହଣ, ଗଙ୍ଗାଧର ପରିଡା, ଶର୍ମିଷ୍ଠା ନାୟକ, ସୁନତି ସାହୁ, ଭାରତୀ ଦଳାଇ, ପୂର୍ବତନ ସରପଞ୍ଚ ପ୍ରତାପ ରାଉତ, ସମିତିସଭ୍ୟ ଶରତ ପ୍ରଧାନ, ସଞ୍ଜୟ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରଶାସନିକ ଶୁଣାଣି ଶିବିରରେ ୨୩୫ ଅଭିଯୋଗ

କେନ୍ଦ୍ରାପଡ଼ା, ୫।୨ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ସହରର ଟାଉନ ହଲଠାରେ ପ୍ରଶାସନିକ ଜିଲାସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଥିଲା। ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ୨୩୫ ଅଭିଯୋଗ ଆସିଥିଲା। ଏଥିମଧ୍ୟରୁ ୨୧୭ଟି ଅଭିଯୋଗ ବ୍ୟକ୍ତିଗତ ଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ ଆବାସ, ଭତ୍ତା, ରାଶନ କାର୍ଡ, ଚିକିତ୍ସା ସହାୟତା ଆଦି ଥିଲା। ସେହିପରି ୧୮ଟି ସାମୂହିକ ଅଭିଯୋଗପତ୍ରରେ ଜମି ବିବାଦ, ପାନୀୟ ଜଳ, ରାଶନ ସାମଗ୍ରୀ ଯୋଗାଣ, ଶିକ୍ଷା ବ୍ୟବସ୍ଥା, କ୍ଷେତକୁ ଜଳ ପରିଚାଳନା, ଗ୍ରାମ୍ୟ ରାସ୍ତା ଜବରଦଖଲ ଆଦି ରହିଥିଲା। ଶୁଣାଣି ସମୟରେ କେତେଗୋଟି ଅଭିଯୋଗର ସମାଧାନ ହୋଇଥିବା ବେଳେ ଅବଶିଷ୍ଟକୁ ୭ ଦିନ ମଧ୍ୟରେ ସମାଧାନ ପାଇଁ ଜିଲାପାଳ ବିକାଶ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ଦୃଷ୍ଟିବାଧିତ ଛାତ୍ର ସମ୍ବିତ କୁମାର ବେହେରାଙ୍କୁ ଜିଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ଲାପଟପ ଓ ଥଇଥାନ ବ୍ୟବସ୍ଥା ପାଇଁ ରେଡକ୍ରସରୁ ପଟ୍ଟାମୁଣ୍ଡାଇ ବ୍ଲକ ତେରୋହୀ ଗ୍ରାମର ଗୋପୀନାଥ ସ୍ୱାଇଁଙ୍କୁ ୧୫ ହଜାର ଟଙ୍କାର ଚେକ ପ୍ରଦାନ କରାଯାଇଥିଲା। ଶିବିରରେ ଏସ୍‌ପି ବି ସୁରଜ କୁମାର, ଏଡିଏମ୍ ପୀତାମ୍ବର ସାମଲ, ପିଡି ରାଜେନ୍ଦ୍ର କୁମାର ପଣ୍ଡା, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ, ସିଏସ୍‌ଓ ଶ୍ରୀନିବାସ ସାହୁଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ସାମିଲ ହୋଇଥିଲେ।



ଜିଲାପାଳ ଓ ପ୍ରଶାସନିକ ଅଧିକାରୀ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

## ସାଇଣ୍ଟିଫିକ୍ ଟିମ୍ ଦ୍ୱାରା ପୋଲିସର ତଦନ୍ତ

**ଖଣ୍ଡେଇପଡ଼ାରେ ମହିଳାଙ୍କୁ ବୀଭତ୍ସ ହତ୍ୟା ଘଟଣା**

ରାଜନଗର, ୫।୨( ଭାସ୍କର ରାଉତରାୟ)

ରାଜନଗର ଥାନା ଅନ୍ତର୍ଗତ ବନ୍ଧପଡ଼ା ପଞ୍ଚାୟତ ଖଣ୍ଡେଇପଡ଼ା ଗାଁର ନିରଞ୍ଜନ ସ୍ୱାଇଁଙ୍କ ସ୍ତ୍ରୀ ସାଗରିକାଙ୍କୁ ବୀଭତ୍ସ ହତ୍ୟା ଘଟଣାର ୨ ଦିନ ପରେ ବି ପୋଲିସ ଘଟଣା ପଛର ରହସ୍ୟକୁ ଖୋଜିପାଇନାହିଁ। ଏହି ଘଟଣାରେ ମୃତ ସାଗରିକଙ୍କ ସ୍ୱାମୀଙ୍କ ଏତଲା ଉପରେ ଥାନାରେ ନଂ. ୪୯/୨୪ରେ ମାମଲା ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ହେବ ପରେ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପରିବାର ଲୋକେ ଓ ଗ୍ରାମବାସୀ ମୃତ ମହିଳାଙ୍କ କାହା ସହିତ ବିବାଦ ନ ଥିବା କହୁଥିବା ବେଳେ ମହିଳାଙ୍କୁ କିଏ କାହିଁକି ମାରିବ ତାହା ରହସ୍ୟବୃତ୍ତ ହୋଇପଡିଛି। ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ କ୍ଷମା ସାଗର ପଣ୍ଡା, ଆଇଆଇସି ଅଜୟ କୁମାର ଜେନା ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ସହ ରବିବାର ଛାନ୍‌ଭିନ୍ କରିବା ସହ ରକ୍ତ ଭିଜା ବ୍ଲେଡ୍ ଓ ବିଭିନ ସ୍ଥାନରେ ପଡିଥିବା ରକ୍ତ ଭିଜାମାଟି ଓ ମାଂସ ଟୁକୁଡ଼ା ଜବତ କରିଥିଲେ। ମହିଳାଙ୍କୁ ବୀଭତ୍ସ ଭାବେ ପେଟ କାଟି ଅନ୍ତବୁଜୁଳା ବାହାର କରିବା ସହିତ ଛୋଟ ଛୋଟ ମାଂସ ଖଣ୍ଡ ବିଭିନ୍ନ ସ୍ଥାନରେ ଫୋପାଡିଥିବାରୁ ଏହା ପଛରେ କାହାର ହାତ ରହିଛି ପୋଲିସ ସେ ଦିଗରେ ତଦନ୍ତକୁ ଆଗକୁ ବଢାଇଛି। ଏହା ବାଦ୍ ମୃତ ସାଗରିକଙ୍କ ସ୍ୱାମୀଙ୍କ ଏତଲା ଅନୁଯାୟୀ ଦୁର୍ବୃତ୍ତ ତାଙ୍କର ସୁନା କାନଫୁଲ ନେଇ ଯାଇଛନ୍ତି। ଗୋଟିଏ ହଳ ସୁନା କାନଫୁଲ ପାଇଁ ଦୁର୍ବୃତ୍ତ ମହିଳାଙ୍କୁ ହତ୍ୟା କରିଛନ୍ତି ନା ଆଉ କିଛି ରହସ୍ୟ ରହିଛି ତାକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ରବିବାର ଭୋର ୪ଟାରେ ସାଗରିକା ବାହାରକୁ ପରିସ୍ରା ପାଇଁ ଉଠିଥିଲେ। ଏହାର ଅଧଘଣ୍ଟା ପରେ ତାଙ୍କ ଚିତ୍କାର ଶୁଣି ନିରଞ୍ଜନ ଓ ଯାଆ ବାହାରକୁ ଯିବା ବେଳକୁ ବାଡ଼ି ପଟ ଖତଗଦା ନିକଟରେ ରକ୍ତାକ୍ତ ଅବସ୍ଥାରେ ପଡ଼ିଥିବାବେଳେ ତଳି ପେଟ କଟା ହୋଇ ଅନ୍ତବୁଜୁଳା ବାହାରକୁ ବାହାରି ପଡ଼ିଥିଲା। ଗୁରୁତର ଅବସ୍ଥାରେ ସାଗରିକାଙ୍କୁ ପ୍ରଥମେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ମେଡିକାଲ ନେବା ବାଟରେ ଚାନ୍ଦୋଳ ନିକଟରେ ମୃତ୍ୟୁ ହୋଇଥିଲା।

## ଓଡ଼ିଆ ଭାଷା ସାହିତ୍ୟକୁ ସମୃଦ୍ଧ କରିବ

**ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ**



ସମ୍ମିଳନୀରେ ଯୋଗ ଦେଇଥିବା ଅତିଥିମାନେ।

ଆଳି,୫।୨( ବନମାଳୀ ସେନାପତି)

ରାଜ୍ୟ ସରକାର ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ କରିବାକୁ ପ୍ରୋତ୍ସାହନ ଯୋଗାଇ ଦେଇଛନ୍ତି। ଏହିକ୍ରମରେ ସୋମବାର ଆଳି ମହାବିଦ୍ୟାଳୟରେ ରାଜ୍ୟ ସରକାରଙ୍କ ନୂଆ-ଓ ସାହିତ୍ୟ ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ଅତିଥିମାନେ ଏହି ପ୍ରୟାସ ଓଡ଼ିଆ ଭାଷା ସାହିତ୍ୟକୁ ସମୃଦ୍ଧ କରିବ ବୋଲି କହିଥିଲେ। ଏଥିରେ ଅଧକ୍ଷ ପ୍ରଫେସର ଦୁର୍ଯ୍ୟୋଧନ ମଲ୍ଲିକ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟ ପରିଚାଳନା ପରିଷଦର ସଭାପତି ପ୍ରାଧ୍ୟାପକ ଶେଖର ଚନ୍ଦ୍ର ବାରିକ ଯୋଗଦେଇ ଓଡ଼ିଶା ସରକାରଙ୍କ ଏହି ଅଭିନବ ପଦକ୍ଷେପ ବିଷୟରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ଅଧ୍ୟାପକ ରମେଶ ଚନ୍ଦ୍ର ପଣ୍ଡା ଯୋଗଦେଇ ଓଡ଼ିଶା ପାଇଁ ମଧୁବାବୁଙ୍କର ଅବଦାନ ମନେ ପକାଇ ଦେବା ସହ ଓଡ଼ିଶାକୁ ଆସିଥିବା ଶୈବ, ଶାକ୍ତ, ଗାଣପତ୍ୟ ଓ ବୈଷ୍ଣବମାନେ ନିଜ ମତ ପ୍ରଚାର କରୁ କରୁ ଜଗନ୍ନାଥ ସଂସ୍କୃତିରେ ମିଶି ଯାଇଛନ୍ତି। ସମ୍ମାନିତ ଅତିଥି ଭାବେ ଗାଳ୍ପିକ କବି ଓ ପରାଗ ସାହିତ୍ୟ ପତ୍ରିକାର ସମ୍ପାଦକ ବନମାଳୀ ସେନାପତି ଓଡ଼ିଆ ଭାଷା ଆନ୍ଦୋଳନରେ ଫକୀର ମୋହନ ସେନାପତି, ଗୌରୀଶଙ୍କର ରାୟ, ମଧୁସୂଦନ ରାଓ ଓ ରାଧାନାଥ ରାୟଙ୍କ ସାଧନା ଆଜି ଓଡ଼ିଆ ଭାଷାକୁ ଏତେବାଟ ଆଣିଛି ବୋଲି କହିଥିଲେ। କାର୍ଯ୍ୟକ୍ରମର ନୋଡାଲ ଅଫିସର ଅଧ୍ୟାପକ ନିର୍ମଳ କୁମାର ସେନାପତି ବିବରଣୀ ପାଠ କରିଥିଲେ। ଅଧ୍ୟାପକ ବିକ୍ରମ କୁମାର ବେହୁରା ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ସୁରେଶ ଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ସାଂସ୍କୃତିକ, କ୍ରୀଡ଼ା ଓ ସାହିତ୍ୟ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ।

## ଆଦିବାସୀ ଅଧ୍ୟାପିକାଙ୍କୁ ଅଧ୍ୟାପକଙ୍କ ନିର୍ଯାତନା ଅଭିଯୋଗ

ପାଟକୁରା,୫।୨ (ରବୀନ୍ଦ୍ର ନାଥ ବାରିକ )

ଜନୈକ ଆଦିବାସୀ ମହିଳା ଅଧ୍ୟାପିକାଙ୍କୁ ସେହି ମହାବିଦ୍ୟାଳୟର ଜଣେ ଅଧ୍ୟାପକ ନିର୍ଯାତନା ଦେବା ପାଟକୁରା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗରୁ ପ୍ରକାଶ ଥାନା ଅନ୍ତର୍ଗତ ଏକ ମହାବିଦ୍ୟାଳୟରେ ଏହି ଘଟଣା ଘଟିଛି। ସମ୍ପୃକ୍ତ ଅଧ୍ୟାପକ ସେହି ମହାବିଦ୍ୟାଳୟର ଜଣେ ଆଦିବାସୀ ମହିଳା ଅଧ୍ୟାପିକାଙ୍କୁ ମହାବିଦ୍ୟାଳୟ ପରିସର ମଧ୍ୟରେ ଅଶ୍ଳୀଳ ଇଙ୍ଗିତ ପ୍ରଦର୍ଶନ କରିବା, ଅଶ୍ଳୀଳ କମେଣ୍ଟ ମାରିବା ଆଦି କାର୍ଯ୍ୟକଳାପ ସହ ମାନସିକ ନିର୍ଯାତନା ଦେଇ ଆସୁଥିବା ଅଭିଯୋଗରେ ଦର୍ଶାଯାଇଛି। ସମ୍ପୃକ୍ତ ଅଧ୍ୟାପିକା ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କୁ ଏ ସମ୍ପର୍କରେ ଅବଗତ କରାଇଥିଲେ ମଧ୍ୟ ଏ ସମ୍ପର୍କରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାରୁ ସେ ବାଧ୍ୟ ହୋଇ ଏ ସମ୍ପର୍କରେ ୩ ତାରିଖରେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ନିର୍ଯାତିତା ଅଧ୍ୟାପିକାଙ୍କ ଅଭିଯୋଗ ଗ୍ରହଣ କରି ଥାନାରେ ନଂ. ୩୯/୨୪ରେ ମାମଲା ରୁଜୁ କରାଯାଇଛି।

## ଯବାନ ସନାତନ ପ୍ରଧାନଙ୍କ ଶେଷକୃତ୍ୟ ସମ୍ପନ୍ନ



ଯବାନଙ୍କୁ ଗାର୍ଡ ଅଫ୍ ଅନର ଦିଆଯାଉଛି। ଯବାନ ସନାତନ ପ୍ରଧାନ (ଇନ୍‌ସେଟ୍)

ପାଟକୁରା,୫।୨ (ରବୀନ୍ଦ୍ର ନାଥ ବାରିକ )

ଗରଦପୁର ବ୍ଲକ ନଡ଼ିଆବରାଇ ପଞ୍ଚାୟତର ଡାହାଳପୁର ଓଉପଡ଼ା ଗାଁର ଯବାନ ସନାତନ ପ୍ରଧାନ(୫୨) କାର୍ଯ୍ୟରତ ସମୟରେ ରବିବାର ହୃଦ୍‌ଘାତରେ ଦେହାନ୍ତ ହୋଇଥିଲା। ତାଙ୍କ ମରଶରୀର ସୋମବାର ଡାହାଳପୁର ଓଉପଡ଼ା ଗ୍ରାମରେ ପହଞ୍ଚିବା ପରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଗାର୍ଡ ଅଫ୍ ଅନର ଦିଆଯାଇ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପୁଅ ଆଶୁତୋଷ ମୁଖାଗ୍ନି ଦେଇଥିଲେ। ଗାଁରେ ଶୋକାକୁଳ ଜନସାଧାରଣ ଯବାନଙ୍କୁ ନଡ଼ିଆବରେଇ, ଓସ୍ତପୁର, ଡାହାଳପୁର, ଓଉପଡ଼ା ଗାଁ ପରିକ୍ରମା କରାଇ ଶ୍ମଶାନକୁ ନେଇଥିଲେ। ବୀର ଶହୀଦ ଆମର ରହେ ନାରାବାଜିରେ ଶୋଭାଯାତ୍ରା କମ୍ପି ଉଠୁଥିଲା। ସନାତନ ଡାହାଳପୁର ଗ୍ରାମର ସ୍ୱର୍ଗତ ଉତ୍ସବ ପ୍ରଧାନଙ୍କ ପୁଅ। ତାଙ୍କର ୩ ଝିଅ ଓ ଗୋଟିଏ ପୁଅ ଅଛନ୍ତି। ସେ ମଣିପୁରଠାରେ ଅର୍ଦ୍ଧସାମାରିକ ବାହିନୀରେ କାର୍ଯ୍ୟ କରୁଥିଲେ। ପାଟକୁରା ବିଧାୟିକାଙ୍କ ପ୍ରତିନିଧି ସଞ୍ଜୟ ଅଗ୍ରୱାଲା, ସନାତନଙ୍କୁ ଶେଷ ଦର୍ଶନକରି ସମ୍ମାନ ଜଣାଇଥିଲେ। ଶୋକସନ୍ତପ୍ତ ପରିବାରକୁ ସାନ୍ତ୍ୱନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାଧ୍ୟାପକ ଅଜୟ ରାଉତ, ଭାଜପା ନେତା ତେଜେଶ୍ୱର ପରିଡ଼ା, କଂଗ୍ରେସ ନେତା ରତିକାନ୍ତ କାନୁନ୍‌ଗୋ ପ୍ରମୁଖ ଶେଷ ଦର୍ଶନ କରିଥିଲେ।

## କଟକ ଜୁବେନାଲ୍ କ୍ରିକେଟ କ୍ଲବ ଚାମ୍ପିୟନ

**ଜୟବଜରଙ୍ଗବାଲି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଫାଇନାଲ**

ଡେରାବିଶ, ୫।୨(ବେବର୍ତ୍ତା ଅଜୟ ଦାସ)

ଜୟବଜରଙ୍ଗବାଲି କ୍ରିକେଟ କ୍ଲବ ଅନୁକୂଲ୍ୟରେ ଡେରାବିଶ ବ୍ଲକ ରଘୁଦେଇପୁର ପଞ୍ଚାୟତ ନୋଳସାହିଠାରେ ଚାଲିଥିବା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଫାଇନାଲ୍ ମ୍ୟାଚ ରବିବାର ଅନୁଷ୍ଠିତ ହୋଇଯାଇଛି। କଟକ ଜୁବେନାଲ୍ କ୍ରିକେଟ୍ କ୍ଲବ ଓ ଭୁବନେଶ୍ୱର ସ୍କାନ କ୍ରିକେଟ୍ କ୍ଲବ ମଧ୍ୟରେ ଖେଳ ହୋଇଥିଲା। ପ୍ରଥମେ ଟସ୍‌ଜିତି କଟକ ଜୁବେନାଲ୍ କ୍ରିକେଟ୍ କ୍ଲବ ବ୍ୟାଟିଂ କରି ୨୦ ଓଭରରେ ୧୪୦ ରନ୍ ସଂଗ୍ରହ କରିଥିଲା। ଜବାବରେ ସ୍କାନ କ୍ରିକେଟ୍ କ୍ଲବ, ଭୁବନେଶ୍ୱର ୨୦ ଖେଳି ୯ ଉଇକେଟ୍ ହରାଇ ୧୨୦ ରନ୍ କରିଥିଲ। ଜୁବେନାଲ୍ କ୍ରିକେଟ୍ କ୍ଲବ ଚାମ୍ପିୟନ ହୋଇଥିଲା। ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ବିଜେଡି କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ ଅଗ୍ରୱାଲ ଯୋଗଦେଇ ବିଜୟୀ ଜୁବେନାଲ୍ କ୍ରିକେଟ୍ କ୍ଲବକୁ ଚାମ୍ପିୟନ ଟ୍ରଫି, ସମ୍ମାନିତ ଅତିଥି ଭାବେ ଡେରାବିଶ ବ୍ଲକ ଉପାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ ଯୋଗଦେଇ ସ୍କାନ କ୍ରିକେଟ୍ କ୍ଲବକୁ ରନର୍ସ ଟ୍ରଫି ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଞ୍ଜୁ ଅଗ୍ରୱାଲ, ରଘୁଦେଇପୁର ସମିତି ସଭ୍ୟା ମୋନାଲିସା ମଳିକ ଅତିଥି ଭାବେ ଯୋଗ ଦେଇଥିଲେ। ଖେଳରେ ଅମ୍ପାୟର ଭାବେ ମୁରଲୀଧର ସେଠୀ, ଲିଟୁ ସାମନ୍ତରାୟ କାର୍ଯ୍ୟନିର୍ବାହ କରିଥିବା ବେଳେ ଶ୍ରୀକାନ୍ତ ମହାରଣା ଖେଳର ଭାଷ୍ୟକାର ଭାବେ ଦାୟିତ୍ୱ ନିର୍ବାହ କରିଥିଲେ।



ଅତିଥିମାନେ ଚାମ୍ପିୟନ ଜୁବେନାଲ୍ କ୍ରିକେଟ୍ କ୍ଲବକୁ ଟ୍ରଫି ପ୍ରଦାନ କରୁଛନ୍ତି।

## ତୃଣମୂଳ ସ୍ତରରେ ମଜଭୁତ ହୋଇଛି ବିକାଶର ଭିତ୍ତିଭୂମି

- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ
- ପଞ୍ଚାୟତସ୍ତରୀୟ ସଚେତନତା ଶିବିର

ମହାକାଳପଡ଼ା,୫।୨(ପ୍ରତାପ ଚନ୍ଦ୍ର ସ୍ୱାଇଁ)

ରାଜ୍ୟ ସରକାରଙ୍କ ପକ୍ଷରୁ ଗ୍ରାମାଞ୍ଚଳରେ ବିକାଶର ଭିତ୍ତିଭୂମି ସୁଦୃଢ଼ କରାଯାଇଛି। ତୃଣମୂଳସ୍ତରରେ ସାଧାରଣ ଲୋକମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସରକାରରେ ବିଭିନ୍ନ ଉନ୍ନୟନମୂଳକ ଯୋଜନା କର୍ଯ୍ୟକାରୀ ହେଉଛି। ଏହାଦ୍ୱାରା ଗାଁର ଲୋକମାନେ ସିଧାସଳଖ ଲାଭ ଉଠାଇଛନ୍ତି। କାଳିଆ, ବିଜୁ ସ୍ୱାସ୍ଥ୍ୟ କାର୍ଡ, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଉଦ୍ୟୋଗ, ରାସ୍ତା ନିର୍ମାଣ, ଅମୃତ ସରୋବର, ବିଦ୍ୟାଳୟ ଓ ମହାବିଦ୍ୟାଳୟ ରୂପାନ୍ତରୀକରଣ, ଲକ୍ଷ୍ମୀ ବସ୍, ପ୍ରତି ପଞ୍ଚାୟତରେ ବ୍ୟାଙ୍କ ସେବା, ଜଳସେଚନ ପ୍ରକଳ୍ପ, ସ୍ୱଚ୍ଛ ପାନୀୟ ଜଳ ଯୋଗାଣ, ବିପର୍ଯ୍ୟୟ ପରିଚାଳନା, କ୍ରୀଡ଼ା ଭିତ୍ତିଭୂମିର ବିକାଶ, ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ସମେତ ବିଭିନ୍ନ ଦେବାଳୟର ରୂପାନ୍ତରୀକରଣ ଯୋଜନା କାର୍ଯ୍ୟକାରୀ ହୋଇଛି ବୋଲି ସଚେତନ ଶିବିରରେ ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ। ମହାକାଳପଡ଼ା ବ୍ଲକର ସୁନିତି ପଞ୍ଚାୟତ କଣ୍ଟିଲୋଠାରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସରପଞ୍ଚ ଭଗବତୀ ମଣ୍ଡଳଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ କୁମାର ପରିଡ଼ା, ପୂର୍ବତନ ସରପଞ୍ଚ ଗଗନ ପ୍ରଧାନ, ମନୋଜ ପାତ୍ର, ଜିଲା ପରିଷଦ ସଦସ୍ୟ ଅପୁ ପରିଡ଼ା, ସମିତିସଭ୍ୟ ସବିତା ମଲିକଙ୍କ ସମେତ ବିଭିନ୍ନ ମହିଳା ଗୋଷ୍ଠୀ, ବୁଦ୍ଧିଜୀବୀ, ସାମାଜିକ କର୍ମୀ, ଯୁବ ଗୋଷ୍ଠୀ ପ୍ରମୁଖ ଉପସ୍ଥିତ ଥିଲେ। ଅପରପକ୍ଷରେ ଏହି ବ୍ଲକର ଜମ୍ବୁ ପଞ୍ଚାୟତ ପରିସରରେ ଅନୁରୂପ ଭାବେ ପଞ୍ଚାୟତ ସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ପଞ୍ଚାୟତରେ ବହୁ ବିକାଶମୂଳକ ଯୋଜନା କାର୍ଯ୍ୟକାରୀ ହୋଇଛି ବୋଲି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସରପଞ୍ଚ ବିଶ୍ୱଜିତ ବସୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ରାଜ୍ୟ ସରକାରଙ୍କ ପକ୍ଷରୁ ଗାଁର ଭିତ୍ତିଭୂମି ଓ ବିଭିନ୍ନ ଉନ୍ନୟନମୂଳକ ଯୋଜନା କାର୍ଯ୍ୟକାରୀ ହେଉଛି। ଏହାର ଫାଇଦା ସିଧାସଳଖ ଲୋକଙ୍କ ପାଖରେ ପହଞ୍ଚିଛି। ଏହି ଶିବିରରେ ଉପସ୍ଥିତ ଅତିଥିମାନେ ରାଜ୍ୟ ସରକାରଙ୍କ ବିକାଶମୂଳକ ଯୋଜନା କାର୍ଯ୍ୟକାରୀ ହେଉଛି ବୋଲି ମତବ୍ୟକ୍ତ କରିଥିଲେ। ପଣ୍ଡିତ ଶ୍ରୀମନ୍ତ ପାହାଡି, ମଣି ଭୂଷଣ ଦାସ, ପୂବତନ ସରପଞ୍ଚ ପଞ୍ଚମୀ ମଣ୍ଡଳ, ସୁଜନ ଦାସ, ଅମର ବେରା, ଗୁରୁପଦ ବେରା, ରାଜୁ ମଣ୍ଡଳ, ପ୍ରେମାନନ୍ଦ ଦାସ, ତପନ ଲାୟା, ବିବେକାନନ୍ଦ ଦାସଙ୍କ ସମେତ ବିଭିନ୍ନ ମହିଳା ଗୋଷ୍ଠୀ ଓ ଅନ୍ୟମାନେ ସାମିଲ ହୋଇଥିଲେ। ବ୍ଲକ ଅଧୀନ ସୁନିତି ଓ ଜମ୍ବୁ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ଓ ପଞ୍ଚାୟତସ୍ତରୀୟ ସଚେତନତା ଶିବିରରେ ପିଲାମାନଙ୍କ ଦ୍ୱାରା ନୃତ୍ୟ, ସଙ୍ଗୀତ ପରିବେଷଣ କରାଯାଇଥିଲା। ପ୍ରତିଭା ସମ୍ପନ୍ନ ଛାତ୍ରୀଛାତ୍ରମାନଙ୍କୁ ମାନପତ୍ର ଓ ଉପଢୌକନ ଅତିଥିମାନେ ପ୍ରଦାନ କରିଥିଲେ।




ପିଲାମାନଙ୍କ ଦ୍ୱାରା ନୃତ୍ୟ ସଙ୍ଗୀତ ପ୍ରଦର୍ଶନ।

## ସଂକ୍ଷେପରେ

### ଓଡ଼ିଆ ଭାଷା ସମ୍ମିଳନୀ ପାଳନରେ ଖବରଦାତାଙ୍କୁ ଅଣଦେଖା

ନୟାଗଡ଼,୫।୨(ଲୋକନାଥ ମିଶ୍ର)

ନୟାଗଡ଼ ଜିଲାର ସଦର ମହକୁମା ବ୍ଲକରେ ଓଡ଼ିଆ ଭାଷା ସମ୍ମିଳନୀ ପାଳନରେ ଖବରଦାତାଙ୍କୁ ଅଣଦେଖା ନେଇ ଅସନ୍ତୋଷ ସୃଷ୍ଟି ହୋଇଛି। ଜିଲାର ନୟାଗଡ଼ ବ୍ଲକ ବ୍ୟତିରେକେ ସମସ୍ତ ବ୍ଲକ, ଏନ୍ଏସି ଓ ପୌର ପରିଷଦ ଏହି କାର୍ଯ୍ୟକ୍ରମ ଅତ୍ୟନ୍ତ ଆଡ଼ମ୍ବର ପୂର୍ଣ୍ଣ ଭାବେ କରାଯାଇଛି। ନୟାଗଡ଼ ବ୍ଲକରେ ଗତ ୩ ତାରିଖ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ କାର୍ଯ୍ୟକ୍ରମ ପାଳନ ହୋଇଯାଇଛି। ବ୍ଲକ ସଭାଗୃହରେ ନୟାଗଡ଼ ବିଡିଓ ପଦ୍ମଚରଣ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ହାତ ଗଣତି କେତେଜଣ ସାହିତ୍ୟିକଙ୍କୁ ନିମନ୍ତ୍ରଣ କରାଯିବା ଅଭିଯୋଗ ପରେ ଅସନ୍ତୋଷ ସୃଷ୍ଟି ହୋଇଛି। ସେହିଭଳି ନୟାଗଡ଼ ମ୍ୟୁନିସିପାଲିଟି ପକ୍ଷରୁ ସୋମବାର ଗଣମାଧ୍ୟମକୁ ନିମନ୍ତ୍ରଣ କରାଯାଇଥିବାବେଳେ ନୟାଗଡ଼ ବ୍ଲକ ଭାଷା ସମ୍ମିଳନୀ ନେଇ ସୂଚନା ନ ଦେବା ଅସନ୍ତୋଷର କାରଣ ପାଲଟିଛି। ବ୍ଲକ ପ୍ରଶାସନ ନିରାଡ଼ମ୍ବର କାର୍ଯ୍ୟକ୍ରମ କରିଥିବା ଅଭିଯୋଗ ହୋଇଛି। ସେହିଭଳି ଜିଲା ଶିକ୍ଷା ବିଭାଗ ପକ୍ଷରୁ ମଧ୍ୟ ଗଣମାଧ୍ୟମକୁ ଅନ୍ଧାରରେ ରଖି ଓଡ଼ିଆ ଭାଷା ସମ୍ମିଳନୀ କରାଯାଇଛି। ପ୍ରକାଶ ଯେ, ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ବ୍ଲକ, ପୌର ପରିଷଦ ଏବଂ ପଞ୍ଚାୟତ ସ୍ତରରେ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ନିର୍ଦ୍ଦେଶ ରହିଛି। ପ୍ରତି ପଞ୍ଚାୟତକୁ ୨୦ ହଜାର ଟଙ୍କା ଏବଂ ବ୍ଲକକୁ ୫୦ ହଜାର ଟଙ୍କା ଅନୁଦାନ ମିଳିଛି।

### କାର୍ ସହ ବାଇକ୍ ଧକ୍କା, ୧ ମୃତ

ଫୁଲବାଣୀ,୫।୨(ରାକେଶ କୁମାର ରାଉତ):

ଫୁଲବାଣୀ ସଦର ଥାନା କେରେଡ଼ି ଗ୍ରାମ ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ଜଣେ ଅବସରପ୍ରାପ୍ତ ସେନା କର୍ମଚାରୀଙ୍କ ମୃତ୍ୟୁ ଘଟିଥିବା ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ରାଇକିଆ ଥାନା ମାଣିକେଶ୍ୱର ପଞ୍ଚାୟତ ଶିଶପାଙ୍ଗା ଗାଁର ଯୁଗଳ ପ୍ରଧାନ। ଯୁଗଳ ତାଙ୍କ ସମ୍ପର୍କୀୟଙ୍କୁ ନେଇ ଗାଁରୁ ଫୁଲବାଣୀ ଅଭିମୁଖେ ଏକ ବାଇକରେ ଯାଉଥିଲେ। କେରେଡି ନିକଟରେ ବିପରୀତ ଦିଗରୁ ଦ୍ରୁତଗତିରେ ଆସୁଥିବା ଏକ କାର ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଘଟଣା ସ୍ଥଳରେ ଯୁଗଳଙ୍କ ମୃତ୍ୟୁ ଘଟିଥିଲା ବେଳେ ବାଇକ ଆରୋହୀ ଗୁରୁତର ହୋଇଥିଲେ।

### ଟ୍ରାକ୍ଟର ଧକ୍କାରେ ମହିଳା ମୃତ

ପୁରୁଷୋତ୍ତମପୁର,୫।୨ (ସିମାଞ୍ଚଳ ମିଶ୍ର)

ବ୍ରହ୍ମପୁର-ପୁରୁଷୋତ୍ତମପୁର ମୁଖ୍ୟ ରାସ୍ତାର କେଶପୁର ଛକ ସ୍ଥିତ ପେଟ୍ରୋଲ ପମ୍ପ ନିକଟରେ ଏକ ଟ୍ରାକ୍ଟର ଧକ୍କାରେ ସୋମବାର ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପୁରୁଣା ବ୍ରହ୍ମପୁରର କସ୍ତୁରି ଦାସ (୪୫)। କସ୍ତୁରି ତାଙ୍କ ପୁଅ ସଞ୍ଜୟ ଦାସଙ୍କ ସ୍କୁଟି (ନଂ ଓଡି ୦୭ ଡବ୍ଲ୍ୟୁ୯୨୬) ଯୋଗେ ଗୋଠିଆଳି ଗ୍ରାମରେ ଥିବା ତାଙ୍କ ଝିଅ ଘରକୁ ଆସି ନିଜ ଗ୍ରାମକୁ ଫେରୁଥିବା ବେଳେ ପଛପଟୁ ଏକ ଟ୍ରାକ୍ଟର (ନଂ ଓଡି ୦୭ ଏଏନ ୮୦୩୬) ଦ୍ରୁତ ଗତିରେ ଯାଇ ଧକ୍କା ଦେଇଥିଲା। ଫଳରେ ଉଭୟେ ମା' ପୁଅ ଆହାତ ହୋଇଥିଲେ। ସ୍ଥାନିୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ଭାଟକୁମରଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ କସ୍ତୁରିଙ୍କ ମୃତ୍ୟୁ ଘଟିଛି।

## ଜିଲାପାଳଙ୍କ ଅଭିଯୋଗ ଶୁଣାଣି

# ଫେରିଗଲେ ୧୮ ଅଭିଯୋଗକାରୀ

- ପଞ୍ଜୀକରଣ ସତ୍ତ୍ୱେ କରି ପାରିଲେନି ଅଭିଯୋଗ
- ସମୟ ଶେଷ ହୋଇଗଲା କହି ଫେରାଇ ଦିଆଗଲା

ନୟାଗଡ଼,୫।୨(ଲୋକନାଥ ମିଶ୍ର)

ନୟାଗଡ଼ ଜିଲାପାଳଙ୍କ ସଦ୍‌ଭାବନା ସମ୍ମିଳନୀ କକ୍ଷରେ ସୋମବାର ଜିଲାପାଳଙ୍କର ଅଭିଯୋଗ ଶୁଣାଣିକୁ ଆସିଥିବା ୧୮ ଅଭିଯୋଗକାରୀ ନିଜର ଅଭାବ, ଅସୁବିଧା ଓ ସମସ୍ୟାକୁ ଉପସ୍ଥାପନା କରି ନ ପାରି ଫେରି ଯାଇଛନ୍ତି। ସେମାନଙ୍କର ଦୁଃଖ ଓ ଉଦ୍‌ବେଗ ସେମାନଙ୍କର ନାଁ ପଞ୍ଜୀକୃତ ହୋଇଥିଲେ ମଧ୍ୟ ଅଭିଯୋଗ ଜିଲାପାଳ ଶୁଣିଲେନି। ସମୟ ଶେଷ ହୋଇଗଲା କହି ୧୮ ଅଭିଯୋଗକାରୀଙ୍କୁ ଫେରାଇ ଦିଆଯାଇଛି। କେତେଜର ଅଭିଯୋଗକାରୀଙ୍କ ଅଭିଯୋଗ ଅନୁସାରେ ଜଣେ ବିଡିଓ ଫେରିଯିବାକୁ କହିଲେ। ଆଉ କେତେଜଣ ଅଭିଯୋଗକାରୀଙ୍କ ସୂଚନା ଅନୁସାରେ, ଆପତ୍ତି ଅଭିଯୋଗ ପାଇଁ ଧାଡିରେ ଠିଆ ହୋଇଥିବାବେଳେ ଜିଲାପାଳ ଆଉ ଅଭିଯୋଗ ଶୁଣିବେନି ଆପଣମାନେ ଚାଲି ଯାଆନ୍ତୁ କହିବା ପରେ ନିରାଶ ହୋଇ ଫେରିଥିଲୁ। କେତେଜଣ ଅଭିଯୋଗକାରୀ ଫେରିବା ପରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣିକୁ ନେଇ ଉଠିଛି ପ୍ରଶ୍ନ।

ଏ ନେଇ ହାଟଦ୍ୱାରର ପୂର୍ଣ୍ଣ ନାୟକ କହିଛନ୍ତି, ଜିଲାପାଳଙ୍କୁ ଅଭିଯୋଗ କରିବାକୁ ସକାଳ ୮ଟାରୁ ଆସି ଅପେକ୍ଷା କରିଥିଲି।



ଜିଲାପାଳ ଓ ଏସ୍‌ପି ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।



ଅଭିଯୋଗ ଶୁଣାଣି ନହେବାରୁ ଅଭିଯୋଗକାରୀମାନେ ଫେରିଯାଉଛନ୍ତି।

ନାମ ପଞ୍ଜୀକରଣ କରିଥିଲି। ମୋ ପାଇଁ ସ୍ତ୍ରୀ ଧାଡିରେ ଠିଆ ହୋଇ ରହିଥିଲେ। ଆମେ ଗାଁଉଲି ଲୋକ ଯୋଗୁ ଧାଡିର ବହୁ ପଛରେ ଥିଲୁ। ସୋମବାର ଅପରାହ୍ନ ୨ଟାରେ ନିଜକୁ ଜଣେ ବିଡିଓ ପରିଚୟ ଦେଇ ଜଣେ ବ୍ୟକ୍ତି ଫେରଯିବାକୁ କହିଲେ। ଜିଲାପାଳଙ୍କ ଖାଇବା ସମୟ ହୋଇ ଯାଇଥିବାରୁ ପରବର୍ତ୍ତୀ ସୋମବାରରେ ଅଭିଯୋଗ କରିବାକୁ କହିଲେ। ଏଣୁ ଆମେ ୧୮ଜଣ ଅଭିଯୋଗକାରୀ ହଇରାଣ ହୋଇ ଫେରିଲୁ। ସୁର ନାହକ କହିଛନ୍ତି, ପଞ୍ଜୀକରଣ ପାଇଁ ଦେଇଥିବା ମୋ କାଗାଜାତ ହଜିଯାଇଛି କହିଲେ। ମୋତେ ପରେ ଆସିବାକୁ କହିଲେ। ମୁଁ ଜଣେ ଭିନ୍ନକ୍ଷମ ବ୍ୟକ୍ତି ହୋଇଥିବାରୁ ଫେରିବା ମୋତେ କଷ୍ଟ ହୋଇଛି। ଫତେଗଡ଼ ଥାନା ଜଗନ୍ନାଥପ୍ରସାଦର ସକୁନ୍ତଳା ପ୍ରଧାନ କହିଛନ୍ତି, ସ୍ୱାମୀ ବୃନ୍ଦାବନ ଜଣେ ଭିନ୍ନକ୍ଷମ। କିଛି ସହାୟତା ପାଇବା ପାଇଁ ଜିଲାପାଳଙ୍କ ଅଫିସକୁ ଆସିଥିଲି। ଧାଡ଼ିରେ ଠିଆ ହୋଇ ନାଁ ପଞ୍ଜୀକରଣ କରାଇଲି। ଅଭିଯୋଗ ପାଇଁ ପୁଣି ଧାଡିରେ ଠିଆ ହୋଇ ରହିବା ପରେ ବି ଅଭିଯୋଗ ପାଇଁ ସମୟ ପାଇଲି ନାହିଁ କହି କାନ୍ଦି ପକାଇଥିଲେ। ଜଗନ୍ନାଥପ୍ରସାଦର ଅରବିନ୍ଦ ପ୍ରଧାନ କହିଛନ୍ତି, ପଞ୍ଜୀକରଣ ପରେ ମୋ ପରି ଅଧିକାଂଶ ଭିନ୍ନକ୍ଷମ ଜିଲାପାଳଙ୍କୁ ଭେଟିବାକୁ ସୁବିଧା ପାଇଲୁନି। ନୂଆ ଜିଲାପାଳଙ୍କୁ ଭେଟି ଦୁଃଖ ଜଣାଇବାକୁ ଆସିଥିଲୁ। ହେଲେ ଆମ ଦୁଃଖ ଦୁଃଖରେ ରହିଗଲା। ପୁଣି ଜିଲାପାଳଙ୍କ ଅଭିଯୋଗ ଶୁଣାଣିକୁ ଖର୍ଚ୍ଚାନ୍ତ ହୋଇଯିବାକୁ ପଡ଼ିବ କହିଛନ୍ତି। ଜଗନ୍ନାଥପ୍ରସାଦର ପ୍ରମୋଦ ପ୍ରଧାନ କହିଛନ୍ତି, ପୁଅ ଅରବିନ୍ଦ ଜଣେ ଭିନ୍ନକ୍ଷମ ହୋଇଥିବାରୁ ତାକୁ ନେଇ ଫେରିବା କଷ୍ଟ ହୋଇଛି। ଜିଲାପାଳ ଖାଇବା ଛୁଟି କରାଇ ପୁଣି ଅଭିଯୋଗ ଶୁଣିଥିଲେ ଭଲ ହୋଇଥାନ୍ତା। ଗହଳି ଯୋଗୁ କ'ଣ ମୋ ପୁଅ ପରି ଭିନ୍ନକ୍ଷମଙ୍କୁ ଫେରାଇ ଦେବା ଠିକ୍ ହୋଇନାହିଁ। ଏପରି ଅଭିଯୋଗ ଶୁଣାଣି ଶିବିର କଲେ ଲୋକଙ୍କର ଭରସା ତୁଟିଯିବ ବୋଲି ସେ କହିଛନ୍ତି ।

### ୨୮୨ରୁ ୧୪୮ ମାମଲାର ସମାଧାନ

ଜିଲାପାଳ ସ୍ୱାଧାଦେବ ସିଂ ଫେବୃଆରୀର ପ୍ରଥମ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ଜନଶୁଣାଣି କରି ୨୮୨ରୁ ୧୪୮ ମାମଲାର ଫଇସଲା କରିଛନ୍ତି। ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ୨୮୨ ଅଭିଯୋଗ ହୋଇଥିବାବେଳେ ୩୬ଟି ଅଭିଯୋଗ ବ୍ୟକ୍ତିଗତ ଓ ୬ଟି ଗ୍ରାମ୍ୟ ବିବାଦ ଥିଲା। ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ୩୭ ଜଣ ଓ ରେଡକ୍ରସରୁ ୩ଜଣଙ୍କୁ ସହାୟତା ଯୋଗାଇ ଦିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ନୟାଗଡ଼ ଏସ୍‌ପି ରାହୁଲ ଜୈନ୍ୟ, ନୟାଗଡ଼ ଅତିରିକ୍ତ ଜିଲାପାଳ ଦିଲୀପ କୁମାର ବଳ, ଡିଏଫ୍‌ଓ କ୍ଷମା ଷଡଙ୍ଗୀ, ନୟାଗଡ଼ ତହସିଲଦାର ରାକେଶ କେଶରୀ ସ୍ୱାଇଁ ଓ ବିଡିଓ ପଦ୍ମ ଚରଣ ସାହୁଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ ଜିଲାପାଳଙ୍କୁ ଅଭିଯୋଗ ଶୁଣାଣିରେ ସହଯୋଗ କରିଥିଲେ।

### ସବୁଠାରେ ଧାଡ଼ି

ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ସୋମବାର ସବୁଠାରେ ଧାଡ଼ ରହିଥିବା ଦେଖିବାକୁ ମିଳିଥିଲା। ଅଭିଯୋଗ ଶୁଣାଣିରେ ନିଜ ପକ୍ଷ ରଖିବାକୁ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ସାଧାରଣ ଅଭିଯୋଗ ତଥା ସହାୟତା କେନ୍ଦ୍ର ନିକଟରେ ନାମ ପଞ୍ଜୀକରଣ ପାଇଁ ଧାଡି ହୋଇଥିଲା। ସେହିପରି ଅଭିଯୋଗ ଶୁଣାଣିକୁ ଯିବା ପାଇଁ ସଦ୍‌ଭାବନା କକ୍ଷଠାରୁ ସାଧାରଣ ଅଭିଯୋଗ ତଥା ସହାୟତା କେନ୍ଦ୍ର ପର୍ଯ୍ୟନ୍ତ ଅନୁରୂପ ଧାଡି ରହିଥିଲା। ଶେଷରେ ଜିଲାପାଳଙ୍କୁ ଭେଟିବାକୁ ସଦ୍‌ଭାବନା କକ୍ଷ ଭିତରେ ଧାଡି କରି ଅଭିଯୋଗ କରିବାକୁ ପଡୁଥିଲା। ଅଭିଯୋଗକାରୀଙ୍କ ଭିଡ ଏତେ ଥିଲା ଯେ ସବୁଆଡେ କେବଳ ଧାଡି ଦେଖା ଯାଉଥିଲା। ଅନ୍ୟପକ୍ଷେ ଜିଲାପାଳ ୧୧ଟାରେ ଅଭିଯୋଗ ଶୁଣିବାକୁ ଆସିଥିବାବେଳେ ୧୫ ମିନିଟ୍ ପରେ ଏସ୍‌ପି ଆସିଥିବା ଦେଖିବାକୁ ମିଳିଥିଲା।

## କ୍ରୀଡ଼ା ଉପଯୋଗୀ ହୋଇପାରୁନି ମଧୁବନ ମିନି ଷ୍ଟାଡିୟମ



ଖଣ୍ଡପଡ଼ା,୫।୨(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ସହରରେ ରାଜରାଜୁଡ଼ା ଅମଳରୁ ଥିବା ମଧୁବନ କ୍ରୀଡ଼ାଙ୍ଗନଟି ସମୟାନୁକ୍ରମେ ମିନି ଷ୍ଟାଡିୟମ୍‌ର ମାନ୍ୟତା ହାସଲ କରିଛି। ଏକଦା ସମତଳ ଥିବା କ୍ରୀଡାଙ୍ଗନ ପରିସର ଏବେ ଖାଲଖମାରେ ଭର୍ତ୍ତି ହୋଇଥିବାରୁ ଏଠାରେ ଖେଳକୁଦ ନିମନ୍ତେ କ୍ରୀଡାବିତମାନେ ସେତେଟା ଆଗ୍ରହ ପ୍ରକାଶ କରୁ ନ ଥିବା ଜଣାପଡିଛି। ସେହିପରି ଉକ୍ତ କ୍ରୀଡାଙ୍ଗନରେ କ୍ରିକେଟ ଓ ଫୁଟ୍‌ବଲ ଟୁର୍ନାମେଣ୍ଟର ଆୟୋଜନ ନେଇ ଆୟୋଜକମାନେ ବେଶ ଚିନ୍ତାରେ ପଡ଼ ଯାଇଛନ୍ତି। ୨୦୨୩ ଜୁଲାଇରେ ଏକ ସମାବେଶ ପାଇଁ ଅସ୍ଥାୟୀ ହେଲିପ୍ୟାଡ ନିର୍ମାଣ କରାଯିବା ସହ ଅନେକ ଗାତ ଖୋଳାଯାଇ ବାଉଁଶରେ ବ୍ୟାରିକେଟ ନିର୍ମାଣ କରାଯାଇଥିଲା। ବାରମ୍ବାର ଦାବି ପରେ ସିମେଣ୍ଟ କଂକ୍ରିଟ ହେଲିପ୍ୟାଡ ଓ ବ୍ୟାରିକେଟକୁ ପ୍ରଶାସନ ହଟାଇଥିଲେ ମଧ୍ୟ କ୍ରୀଡାଙ୍ଗନ ପରିସରକୁ ସମତଳ କରିବାରେ ପ୍ରଶାସନ ଅବହେଳା ପ୍ରଦର୍ଶନ କରିଥିଲା। ପରବର୍ତ୍ତୀ ସମୟରେ ଡ଼ିସେମ୍ବରରେ ଉକ୍ତ କ୍ରୀଡାଙ୍ଗନ ପରିସରରେ ଖଣ୍ଡପଡା ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ଅନୁଷ୍ଠିତ ହୋଇଥିଲା। ମଧୁବନ କ୍ରୀଡାଙ୍ଗନର ଭିତ୍ତିଭୂମି ବିକାଶ ନିମନ୍ତେ କ୍ରୀଡାବିତଙ୍କଠାରୁ ଆରମ୍ଭ କରି ସହରବାସୀ ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରି ଆସିଥିଲେ ହେଁ କୌଣସି ସୁଫଳ ମିଳୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଯେଉଁ ଉଦ୍ଦେଶ୍ୟ ନେଇ ରାଜରାଜୁଡା ଅମଳରୁ ମଧୁବନ କ୍ରୀଡାଙ୍ଗନଟି ସ୍ଥାପିତ ହୋଇଥିଲା ତାହା ଏବେ ମୂଳ ଲକ୍ଷ୍ୟଠାରୁ ଦୂରେଇ ଯାଉଥିବା ସାଧାରଣରେ ଆଲୋଚନା ହେଉଛି। ମଧୁବନ ମିନି ଷ୍ଟାଡିୟମ ପରିସର ଏବେ ମେଳା, ମହୋତ୍ସବ ଓ ବିଭିନ୍ନ ସଭା ସମିତିସ୍ଥଳ ପାଲଟିଥିବା ସାଧାରଣରେ ଚର୍ଚ୍ଚା ହେଉଛି। ମଧୁବନ ମିନିଷ୍ଟାଡିୟମର ପୂର୍ବସ୍ଥିତି ଫେରାଇ ଆଣିବା ନିମନ୍ତେ ଖଣ୍ଡପଡା ବ୍ଲକ, ତହସିଲ ପ୍ରଶାସନ ଓ ଏନ୍ଏସି କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।

## ଯାନବାହନ ଧରପଗଡ଼

ନୟାଗଡ଼,୫।୨(ଲୋକନାଥ ମିଶ୍ର)

ନୟାଗଡ଼ ଟାଉନ ଥାନା ଓ ସଦର ଥାନା ପୋଲିସ ପୃଥକ ପୃଥକ ଭାବେ ସୋମବାର ଯାନବାହାନ ଧରପଗଡ଼ କରିଛନ୍ତି। ନୟାଗଡ଼ ଟାଉନ ଥାନା ପୋଲିସ ପକ୍ଷରୁ ଘଡୁଆଳ ଓ ନୟାଗଡ଼ ଟ୍ରାଫିକ ଛକରେ ଧରପଗଡ଼ କରିଥିଲା। ସେହିପରି ସଦର ଥାନା ପୋଲିସ ପକ୍ଷରୁ ନୂଆ ବସ୍‌ଷ୍ଟାଣ୍ଡ ନିକଟରେ ଅନୁରୂପ ଭାବେ ମଦ୍ୟପ ଗାଡ଼ିଚାଳନା ଯାଞ୍ଚ ହେଲମେଟ ଧରପଗଡ଼, କାଗଜାତ ଯାଞ୍ଚ ଓ ୩ଜଣ ବାଇକ୍‌ରେ ଯାଉଥିଲେ ଧରପଗଡ଼ କରାଯାଇଛି।

## ସଡ଼କ ଦୁର୍ଘଟଣା: ଜଣେ ମୃତ, ୩ ଗୁରୁତର

ନୂଆଗାଁ, ୫।୨ (ଧନେଶ୍ୱର ସାହୁ)

ନୂଆଗାଁ ଥାନା ସମ୍ପଡା ମେଗା ନର୍ସରୀ ନିକଟରେ ରବିବାର ରାତିରେ ସଡକ ଦୁର୍ଘଟଣା ଘଟି ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବାବେଳେ ୩ ଜଣ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ମୃତ ମହିଳା ଜଣକ ହେଲେ ଜଗନ୍ନାଥପ୍ରସାଦ ଗ୍ରାମର ଅଞ୍ଜଳି କରଣ (୪୨)। ମିଳିଥିବା ସୂଚନା ମୁତାବକ, ଜଗନ୍ନାଥପ୍ରସାଦ ଗ୍ରାମର ଅଞ୍ଜଳି କୋରଡା ଗ୍ରାମରେ ଏକ ଦଶାହ କାର୍ଯ୍ୟରେ ଯୋଗଦେଇ ନିଜ ଭାଇ ପ୍ରଦୀପ ପରିଡା (୩୩)ଙ୍କ ସହ ସନ୍ଧ୍ୟାରେ ବାଇକ୍ ଯୋଗେ ବାପଘର ମସ୍କାବାରୀକୁ ଫେରୁଥିଲେ। ସେହି ସମୟରେ ଖୁଣ୍ଟବନ୍ଧ ଗ୍ରାମର ୨ ଯୁବକ ନରୋତମ ନାୟକ ଓ ପ୍ରଦୀପ ଜାନୀ ବାଇକ୍ ନଂ. ଓଡି ୨୫ ଡି ୭୦୩୩ ଯୋଗେ ଗ୍ରାମକୁ ଫେରୁଥିବାବେଳେ ମେଗା ନର୍ସରୀ ନିକଟରେ ପ୍ରଦୀପଙ୍କ ବାଇକ୍ ପଛପଟୁ ଧକ୍କା ଦେଇଥିଲେ। ଫଳରେ ୨ ବାଇକ୍‌ର ୪ ଜଣ ଗୁରୁତର ଆହତ ହୋଇଥିଲେ। ଖବରପାଇ ନୂଆଗାଁ ପୋଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚି ଗୁରୁତରଙ୍କୁ ଉଦ୍ଧାର କରି ନୟାଗଡ଼ ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଅଞ୍ଜଳିଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଅନ୍ୟ ୩ଜଣ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି।

## ଚାକିରି କରାଇଲେନି କି ଟଙ୍କା ଫେରାଇଲେନାହିଁ

- ଥାନାରେ ଅଭିଯୋଗ ପରେ ଧମକ ଦେଉଛନ୍ତି ଶିକ୍ଷକ ଦମ୍ପତି
- ସ୍କୁଲରେ ଚାକିରି ପାଇଁ ଡ୍ରାଇଭରଠାରୁ ୧ ଲକ୍ଷ ଲାଞ୍ଚ

ନୟାଗଡ଼,୫।୨(ଲୋକନାଥ ମିଶ୍ର)

ନୂଆଗାଁ ଆଦର୍ଶ ସ୍କୁଲରେ ନିଜ ଡ୍ରାଇଭରକୁ ୪ର୍ଥ ଶ୍ରେଣୀ ଚାକିରି କରାଇ ଦେବାର ଲୋଭ ଦେଖାଇ ନୟାଗଡ଼ ଟାଉନ ଥାନା କଳାହାଣ୍ଡି ଗାଁର ସୁଶାନ୍ତ ବେହେରା ନାମକ ଜଣେ ୨୭ ବର୍ଷର ଡ୍ରାଇଭରଠାରୁ ତୁଳୀପୁରର ଏକ ଶିକ୍ଷକ ଦମ୍ପତି ୧ ଲକ୍ଷ ଟଙ୍କା ଲାଞ୍ଚ ନେଇଛନ୍ତି। ଚାକିରି ନ ମିଳିବା ଓ ଲାଞ୍ଚ ଟଙ୍କା ନ ମିଳିବା ପରେ ଡ୍ରାଭଭର ନିଜ ମାଲିକଙ୍କ ନାଁରେ ନୟାଗଡ଼ ଟାଉନ ଥାନାରେ ଗତ ୨ ତାରିଖରେ ଅଭିଯୋଗ କରିଛନ୍ତି। ଏ ନେଇ ମାମଲା ରୁଜୁ ହୋଇ ନ ଥିଲେ ମଧ୍ୟ ଥାନାରୁ ଶିକ୍ଷକ ଦମ୍ପତିଙ୍କୁ ଡାକରା ଆସିବା ପରେ ଅଭଯୋଗ ଉଠାଇବାକୁ ଧମକ ଓ ଗାଳିଗୁଲଜ ଶୁଣିବାକୁ ମିଳିଲାଣି ବୋଲି ଡ୍ରାଇଭର ଅଭିଯୋଗ କରିଛନ୍ତି। ସୁଶାନ୍ତଙ୍କ ଅଭିଯୋଗ ଅନୁସାରେ, ତୁଳସୀପୁରର ଏହି ଶିକ୍ଷକ ଦମ୍ପତିଙ୍କର ଏକ କାର ରହିଛି। କାରକୁ ସୁଶାନ୍ତ ଚଳାନ୍ତି। ପ୍ରତିଦିନ ଶିକ୍ଷକ ଦମ୍ପତିଙ୍କୁ ସ୍କୁଲରେ ଛାଡେ ଓ ଆଣେ। ସୁଶାନ୍ତଙ୍କ ସରଳତାର ସୁଯୋଗ ନେଇ ଚତୁର୍ଥ ଶ୍ରେଣୀ ଚାକିରି କରାଇ ଦେବାର ପ୍ରଲୋଭନ ଦେଖାଇ ଶିକ୍ଷକ ଦମ୍ପତି ଫୋନ ପେରେ ୫୦ ହଜାର ଓ କିଛି ଭଦ୍ରାଲୋକଙ୍କ ଉପସ୍ଥିତିରେ ୫୦ ହଜାର ନେଇଥିବା ଅଭିଯୋଗ ହୋଇଛି।

## ଲଡୁବାବାଙ୍କ ପୀଠରେ ବିଶ୍ୱଶାନ୍ତି ଯଜ୍ଞ ପାଇଁ କଳସ ଶୋଭାଯାତ୍ରା

ଶରଣକୁଳ,୫।୨(ଦୀପକ କର)

ପ୍ରସିଦ୍ଧ ଶୈବକ୍ଷେତ୍ର ନୟାଗଡ଼ ଜିଲା ଶରଣକୁଳ ଲଡୁବାବା ପୀଠର ସିଂହଦ୍ୱାର ସମ୍ମୁଖରେ ବିଶ୍ୱକଲ୍ୟାଣ ଉଦ୍ଦେଶ୍ୟରେ ମାଘ କୃଷ୍ଣପକ୍ଷ ଦଶମୀ ସୋମବାରଠାରୁ ମାଘ ମାସ କୃଷ୍ଣପକ୍ଷ ଅମାବାସ୍ୟ ୯ ତାରିଖ ପର୍ଯ୍ୟନ୍ତ ୫ ଦିନ ବ୍ୟାପୀ ବିଶ୍ୱଶାନ୍ତି ମହାଯଜ୍ଞର ଶୁଭାରମ୍ଭ ହୋଇଛି। ଏଥିରେ ସମସ୍ତ ସେବାୟତ ଏବଂ ଭକ୍ତମାନେ ନିକଟସ୍ଥ କୁସୁମୀ ନଦୀର କଳସରେ ଜଳ ଆଣି ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ। ହରିବୋଲ, ହୁଳହୁଳି ଧ୍ୱନିରେ ଶରଣକୁଳ ବଜାର ପ୍ରକମ୍ପିତ ହୋଇ ଉଠିଥିଲା। ବିଶ୍ୱଶାନ୍ତି ମହାଯଜ୍ଞରେ ନିକଟସ୍ଥ ବ୍ରାହ୍ମଣ ଶାସନରୁ ପଣ୍ଡିତମାନେ ଆସି ବେଦମନ୍ତ୍ର ପାଠ କରି ଅଗ୍ନି ସ୍ଥାପନ ଓ ଆହୁତି ପ୍ରଦାନ କରିଥିଲେ। ମନ୍ଦିର ପରିଛା ତୋଷବନ୍ତ କର ଏହି ଯଜ୍ଞରେ ଆଚାର୍ଯ୍ୟ ଭାବେ କାର୍ଯ୍ୟ ତୁଲାଇଥିଲେ। ହରମୋହନ ମହାପାତ୍ର ଆହୁତି ପ୍ରଦାନ କରିଥିଲେ। ନିକଟସ୍ଥ ଗ୍ରାମରୁ ନାମସଂକୀର୍ତ୍ତନ ଦଳ ଆସି ଯଜ୍ଞ ମଣ୍ଡପର ଚତୁଃପାର୍ଶ୍ୱରେ ବୁଲି ହରେ କୃଷ୍ଣ ହରେ ରାମ ସଂକୀର୍ତ୍ତନ କରିଥିଲେ। ଏହି ବିଶ୍ୱଶାନ୍ତି ମହାଯଜ୍ଞରେ ମନ୍ଦିର ସୁପରଭାଇଜର ସୁବାସ ଚନ୍ଦ୍ର ବରାଡ ସମସ୍ତ ସେବାୟତ ବୃନ୍ଦ ଓ ଯଜ୍ଞ କମିଟିର ସଭ୍ୟମାନେ ସହଯୋଗ କରିଥିଲେ।




ଯଜ୍ଞ ପାଇଁ କଳସ ଶୋଭାଯାତ୍ରା କରାଯାଇଛି।

# ଓଡ଼ିଆ ହୃଦୟର ଭାଷା ହୋଇଛି





ସମ୍ମିଳନୀରେ ଉପସ୍ଥିତ ଅତିଥି ଏବଂ ଯୋଗ ଦେଇଥିବା ବ୍ୟକ୍ତିବିଶେଷ।

ନୟାଗଡ,୫।୨(ଲୋକନାଥ ମିଶ୍ର)

ନୟାଗଡ଼ ପୌର ପରିଷଦ ପକ୍ଷରୁ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅବସରରେ ସୋମବାର ପଠାଣୀ ସାମନ୍ତ ଅଡି ଟୋରିୟମରେ ଓଡ଼ଆ ସାହିତ୍ୟିକ, କବି ସମ୍ମିଳନୀ ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ନୟାଗଡ଼ ମ୍ୟୁନିସିପାଲିଟି କାର୍ଯ୍ୟନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନୟାଗଡ଼ ମ୍ୟୁନିସିପାଲିଟି ଅଧ୍ୟକ୍ଷା ନିରୁପମା ଖଟେଇ ଏଥିରେ ମୁଖ୍ୟ ଅତିଥି ଓ ନାଟ୍ୟକାର ବିଜୟ ଚୌଧୁରୀ ମୁଖ୍ୟବକ୍ତା ରୂପେ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଚୌଧୁରୀ କହିଥିଲେ, ଶାରଳା ଦାସ ସମୟର ଭାଷା ଓ ବର୍ତ୍ତମାନର ଭାଷାରେ ରହିଛି ଅନେକ ଫରକ। ସମୟ ଅନୁସାରେ ଓଡ଼ିଆ ଭାଷା ପରିମାର୍ଜିତ ହୋଇ ଚାଲିଛି। ଭାଷାରେ କିଛି ତ୍ରୁଟି ଥିଲେ ବି ଗତାନୁଗତିକ ଭାଷାକୁ ଆମେ ଗ୍ରହଣ କରି ସାରିଛୁ। କାଟକେନ୍ଦୁ ପାଣି ଶବ୍ଦ ପରି କିଛି ତ୍ରୁଟିପୂର୍ଣ୍ଣ ଶବ୍ଦକୁ ଦର୍ଶାଇ ଶବ୍ଦ ବ୍ୟବହାରରେ ହେଉଥିବା ଫରକକୁ ଦର୍ଶାଇଥିଲେ। ଭାଷାକୁ ଶଙ୍କରୀକରଣ ନ କରିବାକୁ ପରାମର୍ଶ ଦେଇଥିଲେ। ଭାଷାକୁ ମିଶ୍ରଣ କରନି। ଯେଉଁ ଭାଷା କହୁଛ ସ୍ପଷ୍ଟ ଭାବେ କୁହ। ନିଜ ଭାଷାକୁ ଭଲ ଭାବେ ବୁଝ। ବିଭିନ୍ନତା ମଧ୍ୟରେ ସ୍ୱାଦ କେବଳ ଓଡ଼ିଆ ଭାଷାରେ ଅଛି। ଅନ୍ୟ କୌଣସି ଭାଷାରେ ଏହା ନାହିଁ। ଏଣୁ ଓଡ଼ିଆ ଭାଷା ହୃଦୟର ଭାଷା ହୋଇପାରିଛି। ଓଡ଼ିଆ ହୋଇ ଓଡ଼ିଆରେ କହିବାକୁ ଲାଜ କର ନାହିଁ। ନିମନ୍ତ୍ରଣ ପତ୍ର ଓଡ଼ିଆରେ ଲେଖିବାକୁ ଅନୁରୋଧ କରିଥିଲେ। ନୟାଗଡ଼ ମ୍ୟୁନିସିପାଲିଟି ଅଧ୍ୟକ୍ଷା କହିଥିଲେ, ନିଜ ମାତୃଭାଷାକୁ ହତାଦର କରନ୍ତୁ ନାହିଁ। ଏ ଅବସରରେ ୮୬ ଜଣ ସାହିତ୍ୟିକ, କବି ଓ ଲେଖକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସେହିଭଳି ବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତାର ୫୬ ଜଣ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ଟ୍ରଫି ଦିଆଯାଇଛି। ରାମକୃଷ୍ଣ ରଥ ସଂଯୋଜନା କରିଥିବାବେଳେ ନୟାଗଡ଼ ମ୍ୟୁନିସିପାଲିଟିର କର୍ମଚାରୀ ଗଜେନ୍ଦ୍ର ମହାରଣା ଓ ଶରୋମଣି ଧୀରେନ୍ଦ୍ର କୁମାର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

### ନୟାଗଡ଼ରେ ଓଡ଼ିଆ ଭାଷା ସମ୍ମିଳନୀ

# ତାତିଲେ ଗ୍ରାମବାସୀ, ୨ବାଲି ବୋଝେଇ ହାଇୱା ଜବତ

## ପହଞ୍ଚିଲେ ଖଣି ଅଧିକାରୀ, ପୋଲିସ, ତହସିଲଦାର

ରସୁଲପୁର,୫।୨(ରଞ୍ଜିତ ରାଉତ)

ରସୁଲପୁର ବ୍ଲକ ଯାବରା ପଞ୍ଚାୟତ ନିକଟସ୍ଥ ବ୍ରାହ୍ମଣୀ ନଦୀରୁ ବେଆଇନ ବାଲି ପରିବହନକୁ ଗାଁ ଲୋକେ ବିରୋଧ କରିଛନ୍ତି। ବିନା ଲଘୁ ଖଣିଜ ଅନୁମତିରେ ବାଲିଘାଟରୁ ଦିନରାତି ବାଲି ପରିବହନ ହେଉଛି । ଏଥିପାଇଁ ଜେସିବିର ସହାୟତା ନିଆଯାଉଛି। ବାଲି ପରିବହନ ପାଇଁ ଟ୍ରାକ୍ଟର ଓ ଟ୍ରକ ବଦଳରେ ହାଇୱା ଭଳି ଭାରି ଯାନ ବ୍ୟବହାର ହେଉଛି । ଲିଜ୍‌ଧାରୀମାନେ ଅନୁମତି ଠାରୁ ଢେର ଅଧିକ ଅଞ୍ଚଳରୁ ବହୁ ପରିମାଣର ବାଲି ପରିବହନ କରୁଛନ୍ତି। ଗ୍ରାମ୍ୟରାସ୍ତାରେ ଭାରିଯାନ ପ୍ରବେଶ ଅନୁମତି ନ ଥାଇ ବାଲି ବୋଝେଇ ଭାରିଯାନ ଯାତାୟତ କରୁଛି । ଏଥିପାଇଁ ଗାଁର ମୁଖ୍ୟ ରାସ୍ତା ଭାଙ୍ଗିରୁଜି ଗଲାଣି । ଗାଡ଼ିରୁ ବାଲି ଝରି ରାସ୍ତା ଉପରେ ଗଦା ହେଉଛି । ରାସ୍ତାକୁ ନିୟମିତ ସଫା କରାଯାଉ ନ ଥିବାରୁ ଶୁଖିଲା ବାଲି ଉଡ଼ି ପଥଚାରୀ, ବାଇକ୍ ଓ ସାଇକେଲ ଚାଳକ, ଛାତ୍ରୀଛାତ୍ରମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏ ସଂକ୍ରାନ୍ତରେ ବାରମ୍ବାର ଅଭିଯୋଗ ହେଲେ ମଧ୍ୟ ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ଏହାକୁ ନେଇ ଗ୍ରାମବାସୀ ସୋମବାର କୁଆଖିଆ-ଜାବରା ରାସ୍ତା ଉପରେ ଯାତାୟତ କରୁଥିବା ବାଲି ବୋଝେଇ ହାଇୱାଗୁଡ଼ିକୁ ଅଟକାଇ ରଖିଥିଲେ । ଜିଲା ଲଘୁ ଖଣିଜ ଅଧିକାରୀ, ରସୁଲପୁର ତହସିଲଦାର, କୁଆଖିଆ ଥାନା ଅଧିକାରୀ ଘଟଣା ସ୍ଥଳରେ ନ ପହଞ୍ଚିବା ପର୍ଯ୍ୟନ୍ତ ବାଲିଗାଡ଼ିଗୁଡ଼ିକୁ ଛାଡ଼ି ନ ଥିଲେ । ଏ ସଂକ୍ରାନ୍ତରେ ଖବର ପାଇବା ପରେ ଲଘୁ ଖଣି ବିଭାଗର ଉପ-ଖଣି ନର୍ଦ୍ଦେଶକ ଜୟପ୍ରକାଶ ନାୟକ, ତହସିଲଦାର ନିରଞ୍ଜନ ସାହୁ, କୁଆଖିଆ ଥାନା ଅଧିକାରୀ ଶ୍ରୀକାନ୍ତ କୁମାର ବାରିକ ପହଞ୍ଚି ଲୋକମାନଙ୍କୁ ବୁଝାଶୁଝା କରିବା ସହ ବାଲି ବୋଝେଇ ଦୁଇଟି ହାଇୱାକୁ ଜବତ କରିଥିଲେ । ଖଣି ବିଭାଗର ଅନୁରୋଧ କ୍ରମରେ ହାଇୱା ଦୁଇଟି କୁଆଖିଆ ଥାନାରେ ଅଟକ ରଖାଯାଇଛି । ତେବେ ଖଣି ବିଭାଗ ପକ୍ଷରୁ ଏ ନେଇ ତଦନ୍ତ କରାଯାଉଛି । ବିଭାଗୀୟ ଅଧିକାରୀଙ୍କ ଠାରୁ କୌଣସି ସ୍ପଷ୍ଟୀକରଣ ନ ଆସିବା ପର୍ଯ୍ୟନ୍ତ ଥାନାରେ କୌଣସି ମାମଲା ହୋଇପାରିବ ନାହିଁ ବୋଲି ଥାନା ଅଧିକାରୀ ବାରିକ ସ୍ପଷ୍ଟ କରିଛନ୍ତି । ତେବେ ବେଆଇନ ଜଳ ଜଳ ହୋଇ ଦେଖାଯାଉ ଥାଇ ବି ଖଣି ବିଭାଗ ପକ୍ଷରୁ ତଦନ୍ତ ଆଳରେ ମାମଲାକୁ ଶିଥିଳ କରାଯିବା ପାଇଁ ମସୁଧା କରାଯାଉଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏଠାରେ ଲୁଟ୍ ମିଳିମିଶି ଚାଲିଛି ବୋଲି ସାଧାରଣରେ ଆଲୋଚନା ହେଉଛି । ତେବେ ଖଣି ଅଧିକାରୀ ଗାଡ଼ିର କାଗଜପତ୍ର ଯାଞ୍ଚ କରୁଛନ୍ତି । ତଦନ୍ତ ସରିବା ପରେ ଯାହାକିଛି ପଦକ୍ଷେପ ନିଆଯିବ ବୋଲି ବିଭାଗୀୟ ଅଧିକାରୀ ସୂଚନା ଦେଇଛନ୍ତି ।



ଗ୍ରାମବାସୀଙ୍କ ଦ୍ୱାରା ଅଟକ ଥିବା ବାଲି ବୋଝେଇ ୨ ହାଇୱା ।

# ବିଦ୍ୟାଳୟରେ ତାଲା ପକାଇ ଛାତ୍ରୀଛାତ୍ରଙ୍କ ଧାରଣା



ଧାରଣାରେ ବସିଥିବା ଛାତ୍ରୀଛାତ୍ର ।

- ବିଡ଼ିଓ, ଯନ୍ତ୍ରୀଙ୍କୁ ୨ ଘଣ୍ଟା ଅଟକ
- ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ

ଝୁମ୍ପୁରୀ,୫।୨(ସରୋଜ ନାୟକ)

ଦଶରଥପୁର ବ୍ଲକ୍ ନିଜାମପୁର ପଞ୍ଚାୟତ ଜାଡୁଆ ଉଚ୍ଚ ବିଦ୍ୟାଳୟର ୫-ଟି ଯୋଜନାରେ ଚାଲିଥିବା ରୁପାନ୍ତରୀକରଣ କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ହୋଇଛି। ଏହି କାମରେ ପ୍ରାୟ ୧ କୋଟି ଟଙ୍କା ବ୍ୟୟ କରାଯାଇଥିଲେ ମଧ୍ୟ ସେପରି କୌଣସି ଆଖିଦୃଶିଆ କାମ ହୋଇନାହିଁ । ଏହାକୁ ନେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା । ଛାତ୍ରୀଛାତ୍ରମାନଙ୍କ ପାଇଁ ଶୌଚାଳୟ, ସାଇକେଲ ଷ୍ଟାଣ୍ଡ ନିର୍ମାଣ ଠିକ୍ ହୋଇନାହିଁ । ଇ-ଲାଇବ୍ରେରୀ କାମ ଶେଷ ହୋଇନାହିଁ । ଏହାର ପ୍ରତିବାଦରେ ସୋମବାର ଶତାଧିକ ଛାତ୍ରୀଛାତ୍ରଙ୍କ ସହ ବିଦ୍ୟାଳୟ ପରିଚାଳନା କମିଟି ଏବଂ ଗ୍ରାମବାସୀ ସ୍କୁଲ ଫାଟକରେ ତାଲା ପକାଇ ପ୍ରତିବାଦ କରିଥିଲେ । ପରେ ଛାତ୍ରୀଛାତ୍ରମାନେ କାର୍ଯ୍ୟ କରିଥିବା କନିଷ୍ଠ ଯନ୍ତ୍ରୀଙ୍କ ବରଖାସ୍ତ ଦାବୀ କରି ବିଦ୍ୟାଳୟ ସମ୍ମୁଖ ରାସ୍ତା ଉପରେ ଧାରଣାରେ ବସିଥିଲେ । ଏହି ଧାରଣାର ପ୍ରାୟ ୨ ଘଣ୍ଟା ପରେ ବିଡ଼ିଓ ଆକାଶ ପଟ୍ଟନାୟକ ଓ ସହକାରୀ ଯନ୍ତ୍ରୀ ରାହାସ ବିହାରୀ ଜେନା, କନିଷ୍ଠ ଯନ୍ତ୍ରୀ ଫକୀର ମୋହନ ଦଳାଇ ଘଟଣା ସ୍ଥଳରେ ପହଞ୍ଚି ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିଥିଲେ । ହେଲେ ବିଡ଼ିଓ ଛାତ୍ରୀଛାତ୍ରଙ୍କ ରୋଷର ଶିକାର ହୋଇଥିଲେ । ଏହାକୁ ନେଇ ବିଡ଼ିଓ, ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀଙ୍କୁ ୨ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଛାତ୍ରଛାତ୍ରୀମାନେ ଅଟକ ରଖିଥିଲେ । ପରିସ୍ଥିତି ଉତ୍ତେଜନାମୂଳକ ଆଡ଼କୁ ଗତି କରୁଥିବାବେଳେ ମଙ୍ଗଳପୁର ପୋଲିସ ସେଠାରେ ପହଞ୍ଚିଥିଲେ। ପରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଉମାକାନ୍ତ ସାହୁ, ପ୍ରଧାନଶିକ୍ଷକ ପ୍ରଭାତ ଚନ୍ଦ୍ର ଦାସ ଓ ଉନ୍ନୟନ କମିଟିର ସଭ୍ୟମାନଙ୍କ ସହ ଗ୍ରାମବାସୀ, ବିଡ଼ିଓ ଓ ସହକାରୀ ଯନ୍ତ୍ରୀଙ୍କ ସହ ଆଲୋଚନା ପରେ ଆଗାମୀ ମଇ ୩୧ ତାରିଖ ସୁଦ୍ଧା ବିଦ୍ୟାଳୟର ଅସମ୍ପୂର୍ଣ୍ଣ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବ ବୋଲି ବିଡ଼ିଓ ପ୍ରତିଶ୍ରୁତି ଦେବାପରେ ଛାତ୍ରୀଛାତ୍ରମାନେ ଆନ୍ଦୋଳନରୁ ଓହରିଥିଲେ ।

# ନାବାଳିକାଙ୍କୁ ମାଡ଼, ଜଣେ ଗିରଫ

ପାଣିକୋଇଲି,୫।୨(ବିକାଶ କୁମାର ମଲିକ)

ଜଣେ ନାବାଳିକାଙ୍କୁ ମାଡ଼ ମାରିବା ଅଭିଯୋଗରେ ପାଣିକୋଇଲି ପୋଲିସ ସୋମବାର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତ ସମ୍ବିତ ସାମଲ ସମେତ ଅନ୍ୟମାନଙ୍କୁ ତୁରନ୍ତ ଗିରଫ ପାଇଁ ନାବାଳିକାଙ୍କ ପରବାର ପକ୍ଷରୁ ଦାବି ହୋଇଛି। ସୂଚନା ଅନୁଯାୟୀ, ପାଣିକୋଇଲି ଥାନା ମୁଳାପାଳ ପଞ୍ଚାୟତ ଅନ୍ତର୍ଗତ ବରପଦା ଗ୍ରାମର ଜଣେ ନାବାଳିକା ଘରେ ଏକାକୀ ଥିଲେ । ଏହି ସମୟରେ ସେହି ଗ୍ରାମର ସମ୍ବିତ ସାମଲ ତାଙ୍କୁ ଗ୍ରାମର ମଙ୍ଗଳା ଠାକୁରାଣୀଙ୍କ ମନ୍ଦିର ପାଖକୁ ଡ଼ାକି ଥିଲେ। କିନ୍ତୁ ନାବାଳିକା ମନା କରିଥିଲେ। ପରେ ସମ୍ବିତ ସମେତ ତାଙ୍କ ବାପା,ଦାଦା ଓ ପିଉସୀ ନାବାଳିକାଙ୍କୁ ଘରୁ ଟାଣି ନେଇ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ବାଡ଼ିରେ ପିଟିଥିଲେ। ନାବାଳିକାଙ୍କ ଚିତ୍କାର ଶୁଣି ଗ୍ରାମବାସୀ ପହଞ୍ଚିବା ଯିବାରୁ ସେମାନେ ପଳାଇଯାଇଥିଲେ। ଏ ସଂକ୍ରାନ୍ତରେ ନାବାଳିକାଙ୍କ ମା'ବାପା ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ଏକ ମାମଲା(ନଂ.୭୨/୨୪) ରୁଜୁ ହୋଇଛି । ସୋମବାର ପୋଲିସ ସମ୍ବିତଙ୍କ ଦାଦା ମକରଧ୍ୱଜ ସାମଲଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ।

# ଗେଙ୍ଗୁଟି ନଦୀ ଉପରେ ନୂତନ ସେତୁ ଶିଳାନ୍ୟାସ

ବଡ଼ଚଣା,୫।୨(ଦିଲୀପ କୁମାର ମହାନ୍ତି)

ସୋମବାର ବଡ଼ଚଣା ବ୍ଲକ ଅନ୍ତର୍ଗତ ରାଧାଦେଇପୁର ପଞ୍ଚାୟତ ଅଧୀନ ଉଦୟନଗରଠାରେ ସାନ ଗେଙ୍ଗୁଟି ନଦୀ ଉପରେ ନୂତନ ସେତୁର ଶିଳାନ୍ୟାସ ହୋଇଛି । ଜିଲା ପରିଷଦ ସଭ୍ୟ ଅରବିନ୍ଦ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଯୋଗ ଦେଇ ଦୀର୍ଘ ଦିନ ଧରି ସ୍ଥାନୀୟ ଅଞ୍ଚଳବାସୀଙ୍କ ଦାବି ଆଜି ପୂରଣ ହୋଇଛି । ୭ କୋଟି ୩୨ଲକ୍ଷ ୪୯ ହଜାର ଟଙ୍କା ବ୍ୟୟରେ ଏହି ସେତୁ ନିର୍ମାଣ ହେବ । ଏହାଦ୍ୱାରା ରାଧାଦେଇପୁର , ବଡ ଘୁମୁରୀ, ଅରଖପୁର, ବଡ଼ଚଣା ପଞ୍ଚାୟତର ଲୋକମାନେ ଗମନାଗମନ, କୃଷି ,ପରିବହନ କ୍ଷେତ୍ରରେ ଅନେକ ସୁବିଧା ପାଇବେ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଗ୍ରାମ ଉନ୍ନୟନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଅନିଲ କୁମାର ସେଠୀ, କନିଷ୍ଠ ଯନ୍ତ୍ରୀ ଶୁଭ୍ରାଂଶୁ ଶେଖର ଦାସ ,ପଞ୍ଚାୟତ ସମିତିର ଅଧ୍ୟକ୍ଷ ମିନତୀ ସେନାପତି, ଉପାଧ୍ୟକ୍ଷ ବିଭାସ ଚନ୍ଦ୍ର ନନ୍ଦ , ସଞ୍ଜୟ କୁମାର ସ୍ୱାଇଁ ,ନିରଞ୍ଜନ ସେନାପତି , ମିହର ସ୍ୱାଇଁ , ସରୋଜିନୀ ଦାସ,କୈଳାସ ଚନ୍ଦ୍ର ରାଉତ, ସୁଧୀର ସାମଲ, ନବଦୀପ ନାୟକ, ସୁରେନ୍ଦ୍ର ନାଥ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ । ମିହିର ଖୁଣ୍ଟିଆ ଧନ୍ୟବାଦ ଅର୍ପଣ କରିଥିଲେ ।




ଶିଳାନ୍ୟାସ ଉତ୍ସବରେ ବିଧାୟକ ଅମର ପ୍ରସାଦ ଶତପଥୀ ଉଦ୍‌ବୋଧନ ଦେଉଛନ୍ତି ।

# ୯ରେ ମା' ବିରଜାଙ୍କ ସ୍ୱନକ୍ଷତ୍ର ଦିବସ

ଯାଜପୁର ଟାଉନ,୫।୨ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି) :

ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କ ସ୍ୱନକ୍ଷତ୍ର ଦିବସ ଆସନ୍ତା ୯ତାରିଖ ଦିନ ପାଳନ କରାଯିବା ପାଇଁ ଟ୍ରଷ୍ଟବୋର୍ଡ ପକ୍ଷରୁ କାର୍ଯ୍ୟସୂଚୀ ପ୍ରକାଶିତ ହୋଇଛି। ସେହିଦିନ ବ୍ରହ୍ମମୁହୂର୍ତ୍ତରେ ଦେବୀଙ୍କ ନିତ୍ୟ ସ୍ନାନ କରାଯାଇ ବେଶ କରାଯିବ। ସକାଳ ୭ଟା ୫୨ ମିନିଟ୍ ମଧ୍ୟରେ ଦେବୀଙ୍କୁ ସ୍ୱନକ୍ଷତ୍ର ବିହିତ ମହାସ୍ନାନ କରାଯିବ। ଏହି ସ୍ନାନ ପରେ ମା' ବିରଜାଙ୍କୁ ସାବିତ୍ରୀ ବେଶରେ ସୁସଜ୍ଜିତ କରାଯାଇ ଶ୍ରଦ୍ଧାଳୁମାନଙ୍କୁ ଦର୍ଶନ କରିବାର ବ୍ୟବସ୍ଥା କରାଯାଇଛି। ପରେ ସିଂହାସନ ଷୋଡ଼ଶ ଉପଚାର ମୁତାବକ ସ୍ୱନକ୍ଷତ୍ର ପୂଜା କରାଯିବ । ଏହାପରେ ଯଜ୍ଞ ବେଦୀରେ ଯଜ୍ଞ ଆରମ୍ଭ କରାଯିବ। ଶେଷରେ ପୂର୍ଣ୍ଣାହୁତି ଓ ଆରତୀ କରାଯିବା ପାଇଁ ବ୍ୟବସ୍ଥା କରାଯିବ ବୋଲି ବିରଜା ମନ୍ଦିରର ମୁଖ୍ୟ ପୁରୋଧା ହିମାଂଶୁ ଶେଖର ପତିମିଶ୍ର ସୂଚନା ପ୍ରଦାନ କରିଛନ୍ତି।

## ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

କୋରେଇ,୫।୨(ଚନ୍ଦ୍ରକାନ୍ତ ପତି)

କୋରେଇ ବ୍ଲକ ପଛିକୋଟ ପଞ୍ଚାୟତ ପରମାନନ୍ଦପୁର ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ବାଉଳି ଚରଣ ବେହେରାଙ୍କ ଗତ ରବିବାର ପରଲୋକ ହୋଇଯାଇଛି । ବେହେରା ଶିକ୍ଷକତା କରି କୋରେଇ ଅଞ୍ଚଳରେ ସୁନାମ ଅର୍ଜନ କରିଥିଲେ । ସମାଜସେବାରେ ମଧ୍ୟ ତାଙ୍କର ରୁଚି ଥିଲା। ଗତ ୭ ଦିନ ତଳେ ସେ ଅସୁସ୍ଥ ହେବା ପରେ ତାଙ୍କୁ କଟକ ବଡ଼ ମେଡ଼ିକାଲରେ ଭର୍ତ୍ତି କରିଥିଲେ । ତାଙ୍କ ମୃତ୍ୟୁରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ପବିତ୍ର



@ ବିତୁ



@ ସରୋଜ



@ ସୁଧାଂଶୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଧର୍ମପରାୟଣ ବ୍ୟକ୍ତିଙ୍କ ପରଲୋକ

ପାଣିକୋଇଲି,୫।୨(ବିକାଶ କୁମାର ମଲିକ):କୋରେଇ ବ୍ଲକ ଅମୃତିଆ ପଞ୍ଚାୟତ ହଟପୁର ଗ୍ରାମର ମୁରବୀ, ଧର୍ମପରାୟଣ ବ୍ୟକ୍ତି ଲକ୍ଷ୍ମୀଧର ମହାପାତ୍ରଙ୍କ ସୋମବାର ସକାଳେ ପରଲୋକ ଘଟିଛି। ତାଙ୍କୁ ୬୨ ବର୍ଷ ହୋଇଥିଲା। ସେ ବହୁଦିନ ଧରି ଅସୁସ୍ଥ ଥିଲେ। ସ୍ଥାନୀୟ ଅଞ୍ଚଳରେ ଅନେକ ଅନୁଷ୍ଠାନ ଗଢି ତୋଳିବାରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ସାନଭାଇ ଶତ୍ରୁଘ୍ନ ମହାପାତ୍ର ମୁଖାଗ୍ନି ଦେଇଥିଲେ। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିଥିଲେ।

# ମିଳିତ ଜନ ଶୁଣାଣି: ୧୧୩ ଅଭିଯୋଗ ସମାଧାନ



ଅଭିଯୋଗ ଶୁଣାଣି ଶିବିରରେ ଜିଲାପାଳ ଓ ଅନ୍ୟମାନେ ।

ଯାଜପୁର,୫।୨(ହର୍ଷବର୍ଦ୍ଧନ ବେହେରା)

ପ୍ରଶାସନ ଜନସାଧାରଣଙ୍କ ନିକଟରେ ପହଞ୍ଚି ସେମାନଙ୍କ ବିଭିନ୍ନ ଆପତ୍ତି ଅଭିଯୋଗ ଗୁଡ଼ିକର ସମାଧାନ କରିବା ଅଭିଯୋଗ ଶୁଣାଣି ପ୍ରକୋଷ୍ଠର ପ୍ରଧାନ ଲକ୍ଷ୍ୟ। ଏଣୁ ଅଭିଯୋଗ ପ୍ରକୋଷ୍ଠରେ ଯୋଗଦେଉଥିବା ସମସ୍ତ ଅଧିକାରୀ ନିଷ୍ଠା ଓ ସହୃଦୟତାର ସହ କାର୍ଯ୍ୟ ସମ୍ପାଦନ କରିବାକୁ ସୋମବାର ଜିଲା ପରିଷଦ ସମ୍ମିଳନୀ କକ୍ଷଠାରେ ଆୟୋଜିତ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଜିଲାପାଳ ଶୁଭଙ୍କର ମହାପାତ୍ର ଆହ୍ୱାନ ଦେଇଛନ୍ତି। ଏସ୍‌ପି ଭିନୀତ ଅଗ୍ରୱାଲ, ଅତିରିକ୍ତ ଜିଲାପାଳ ଶୁଭେନ୍ଦ୍ର କୁମାର ସାମଲ, ଅତିରିକ୍ତ ଜିଲାପାଳ ନବକ୍ରିଷ୍ଣ ଜେନା, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଶୋକ କୁମାର ବେହୁରିଆ, ଯାଜପୁର ତହସିଲଦାର ଜ୍ୟୋତିକାନ୍ତ ଭୁଜବଳ, ଜଳସେଚନ ଅଧୀକ୍ଷଣ ଯନ୍ତ୍ରୀ ଶରତଚନ୍ଦ୍ର ଘଡ଼ାଇ, ଜାରକା ଜଳସେଚନ ଅଧୀକ୍ଷଣ ଯନ୍ତ୍ରୀ କାମଦେବ ଦାସ ପ୍ରମୁଖ ଜିଲାସ୍ତରୀୟ ଅଧିକାରୀ ଯୋଗଦେଇ ଅଭିଯୋଗ ଶୁଣାଣିରେ ସହଯୋଗ କରିଥିଲେ। ଅଭିଯୋଗ ପ୍ରକୋଷ୍ଠରେ ସମୁଦାୟ ୨୧୨ ଅଭିଯୋଗ ପଞ୍ଜୀକୃତ ହୋଇଥିବାବେଳେ ତନ୍ମଧ୍ୟରୁ ୮୦ଟି ବ୍ୟକ୍ତିଗତ ଏବଂ ୮ଟି ସମୂହ ଅଭିଯୋଗ ଥିଲା। ସେହିପରି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ପ୍ରଦାନ ନିମନ୍ତେ ୭୮ଟି ଅଭିଯୋଗ ଥିବାବେଳେ ଜିଲା ରେଡକ୍ରସ ପାଣ୍ଠିରୁ ଚିକିତ୍ସା ନିମନ୍ତେ ଆର୍ଥିକ ସହାୟତା ପ୍ରଦାନ ଜନିତ ୩୧ଟି ଅଭିଯୋଗ ଥିଲା। ଶିବିର ପ୍ରକୋଷ୍ଠରେ ଜିଲାପାଳ ମହାପାତ୍ର ୧୧୩ଟି ଅଭିଯୋଗର ତ୍ୱରିତ ସମାଧାନ କରିଛନ୍ତି। ପଞ୍ଜୀକୃତ ଅଭିଯୋଗ ମଧ୍ୟରୁ ୧୫ ଅଭିଯୋଗର ଅଭିଯୋଗକାରୀ ଅନୁପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଆସନ୍ତା ୧୨ ତାରିଖରେ କେଏନ୍‌ଡିଏ ସମ୍ମିଳନୀ କକ୍ଷ, ୧୯ରେ ସୁକିନ୍ଦା ବ୍ଲକ କାର୍ଯ୍ୟାଳୟ, ୨୬ରେ ବିଞ୍ଝାରପୁର ବ୍ଲକ କାର୍ଯ୍ୟାଳୟରେ ମିଳିତ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି।

## ବ୍ରହ୍ମବରଦାରେ ଭାଜପାର ମିଶ୍ରଣ ପର୍ବ

ବ୍ରହ୍ମବରଦା,୫।୨(ଯଯାତି କେଶରୀ ବେହେରା)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସ୍ୱଚ୍ଛ ଶାସନ ଓ ବରୀ ଭାଜପାର ଯୁବ ନେତା ଉମେଶ ଜେନାଙ୍କ ନେତୃତ୍ୱ ଉପରେ ଆସ୍ଥା ପ୍ରକଟ କରି ବହ୍ମବରଦା ବହୁ ବିଜେଡି କର୍ମୀ ଭାଜପାରେ ମିଶିଛନ୍ତି। ବ୍ରହ୍ମବରଦା ପଞ୍ଚାୟତ ଦୁର୍ଗା ମଣ୍ଡପ ନିକଟରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଭାଜପା ଯୁବନେତା ଉମେଶ ଜେନା ସଭାପତିତ୍ୱ କରିଥିଲେ। ବ୍ରହ୍ମବରଦାର ସତ୍ୟସାଗର ରାଉତ, ଅଶିତ ରାଉତ, କୌବଲ୍ୟ ରାଉତ, ଗୁନୁ ରାଉତ, ରାଜେଶ ରାଉତ, ଦେବ ଦାସ, ପଙ୍କଜ ଦାସ, ଦୁର୍ଯ୍ୟୋଧନ ରାଉତ, ସରୋଜ ଦାସ, ପିଣ୍ଟୁ ବଟ, ପ୍ରଭାତ ଦାସ, ସୁନିଲ ଦାସ, ସାଇ ସ୍ୱରୂପ ରାଉତ, ସାଗର ରାଉତ, ଗୁଡ଼ିଲି ପାଣ୍ଡେ ପ୍ରମୁଖ ଭାଜପାରେ ଯୋଗ ଦେଇଥିଲେ। ଏହି ସଭାରେ ଭାଜପା ୩୬ ନଂ.ଜୋନର ଜିଲାପରିଷଦ ପ୍ରାର୍ଥୀନୀ ସୁମିତ୍ରା ବେହେରା, ଅତଳାପୁରର ପୂର୍ବତନ ସରପଞ୍ଚ ସୁଶାନ୍ତ ବେହେରା, ସଖ୍ୟାଲଘୁ ସେଲର ଜିଲା ସଭାପତି ସଫିଆଲାମ ଖାଁ, ଶ୍ରୀକାନ୍ତ ଦାସ,ନାରୀନେତ୍ରୀ ମନୋରମା ମଣ୍ଡଳ, ବିଜୟା ଲକ୍ଷ୍ମୀ ଦାସ, ମହେଶ ଜେନା, ଇନ୍ତିୟାଜ ଖାଁ, ପ୍ରଶାନ୍ତ ବିଶ୍ୱାଳ, ସୁଶାନ୍ତ ଓଝା ଓ ପଙ୍କଜ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ ।

# ଓଡ଼ିଆ ଭାଷା ଆମ ଜୀବନର ଆତ୍ମା

ଯାଜପୁର,୫।୨(ହର୍ଷବର୍ଦ୍ଧନ ବେହେରା)

## ଜିଲାସ୍ତରୀୟ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ

ଯାଜପୁର ଜିଲାସ୍ତରୀୟ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ସୋମବାର ବିରଜା ସରକାରୀ ହାଇସ୍କୁଲ ସମ୍ମିଳନୀ କକ୍ଷରେ ଉଦ୍‌ଯାପିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ ନିବେଦିତା ପାଣିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରାକ୍ତନ କେନ୍ଦ୍ର ସାହିତ୍ୟ ଏକାଡେମୀ ଓଡ଼ିଆ ବିଭାଗ ଉପଦେଷ୍ଟା ବିଜୟାନନ୍ଦ ସିଂହ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଛନ୍ତି, ଭାଷା ସମ୍ପର୍କ ସୃଷ୍ଟି କରେ। ଏଣୁ ଭାଷାର ସୁରକ୍ଷା ଆମ ସମସ୍ତଙ୍କର କର୍ତ୍ତବ୍ୟ ହେବା ଉଚିତ। କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ସାହିତ୍ୟିକ ପଣ୍ଡିତ ସୂର୍ଯ୍ୟମଣି ଖୁଣ୍ଟିଆ ମୁଖ୍ୟବକ୍ତା ଭାବେ ଯୋଗଦେଇ ଭାଷା ଆମ ଜୀବନ ସହିତ ରହିଥିଲା, ରହିଛି ଏବଂ ରହିଥିବ। ଓଡ଼ିଆ ଭାଷା ଆମ ଜୀବନର ଆତ୍ମା ବୋଲି ସେ କହିଛନ୍ତି। ସହକାରୀ ଜିଲା ଶିକ୍ଷା ଅଧିକାରୀ ଶଶିଧର ସିଂହ, ବିରଜା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କିଶୋର ଚନ୍ଦ୍ର ମଲ୍ଲିକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଓଡ଼ିଆ ଭାଷାର ଇତିହାସ ସମ୍ପର୍କରେ ଅବତାରଣ କରିଛନ୍ତି। ଜିଲା ଶିକ୍ଷା ଅଧିକାରୀ ପାଣି କହିଛନ୍ତି, ପ୍ରତ୍ୟେକ ଜାତିର ପରିଚୟ ତା'ର ଭାଷା ହିଁ ପ୍ରଦାନ କରିଥାଏ। ଯେଉଁ ଜାତିର ଭାଷା ଯେତେ ମାର୍ଜିତ, ବ୍ୟବହାରିତ ଏବଂ ସୁରକ୍ଷିତ ସେ ଜାତିର ଶିକ୍ଷା ଏବଂ ଜୀବନ ଶୈଳୀ ସେତେ ଉନ୍ନତ। ଓଡ଼ିଶା ସରକାରଙ୍କ ତରଫରୁ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ନିଶ୍ଚିତ ଭାବେ ସମଗ୍ର ରାଜ୍ୟ ପାଇଁ ଗୁରୁତ୍ୱ ବହନ କରିବ ବୋଲି ସେ କହିଛନ୍ତି। ସମ୍ମିଳନୀରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଆୟୋଜିତ ତର୍କ, କୁଇଜ, ଚିତ୍ରାଙ୍କନ, ସାଂସ୍କୃତିକ ସୃଜନାତ୍ମକ ପ୍ରଦର୍ଶନୀ ଏବଂ ସାହିତ୍ୟ ପ୍ରଦର୍ଶନୀର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ବିରଜା ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ଏବଂ ମୋ ଓଡ଼ିଶା ସଙ୍ଗୀତ ଗାନ କରାଯାଇଥିଲା। ସମଗ୍ର ଶିକ୍ଷା ଅଭିଯାନର ଅନୁସୂଚିତ ଜାତି ଏବଂ ଜନଜାତି ସଂଯୋଜିକା ଜ୍ୟୋସ୍ନାମୟୀ ଧଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମାରୋହରେ ଛାତ୍ରୀଛାତ୍ର, ଶିକ୍ଷକ, ଶିକ୍ଷୟିତ୍ରୀ, ବୁଦ୍ଧିଜୀବୀ, ସାହିତ୍ୟ ସଂସ୍କୃତିପ୍ରେମୀ, ବରିଷ୍ଠ ନାଗରିକ ବୃନ୍ଦ, ସରକାରୀ ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ। ଗତ ୩ ତାରିଖ ଜିଲାର ୧୫୨୭ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ସ୍ତରରେ ପାଳନ କରାଯାଇଥିବାବେଳେ ୪ ତାରିଖରେ ବ୍ଲକ ସ୍ତରରେ ଏବଂ ସୋମବାର ଜିଲାସ୍ତରରେ ଏହି ସମାରୋହ ପାଳିତ ହୋଇଛି।



ଜିଲାସ୍ତରୀୟ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀରେ ମଞ୍ଚାସୀନ ଅତିଥି ।

# ନୂତନ ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟରେ ଯୋଗଦାନ

**ଜଗତ୍‌ସିଂହପୁର, ୫।୨ (ପ୍ରମୋଦ କୁମାର ନାୟକ)**

ଜଗତ୍‌ସିଂହପୁର ଅତିରିକ୍ତ ଜିଲାପାଳ (ରାଜସ୍ୱ) ଚିନ୍ମୟୀ ବିଶ୍ୱାଳଙ୍କୁ ଭୁବନେଶ୍ୱରସ୍ଥିତ ବାଣିଜ୍ୟ ଓ ପରିବହନ ବିଭାଗକୁ ବଦଳି କରାଯାଇଛି । ତାଙ୍କ ସ୍ଥାନରେ ଅନିତା ପାତ୍ର ସୋମବାର ପୂର୍ବାହ୍ନରେ ଦାୟିତ୍ୱ ନେଇଛନ୍ତି ।



ସେ ବିଧିବଦ୍ଧଭାବେ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଜିଲାପାଳ ପାରୁଲ ପଟାୱାରିଙ୍କୁ ସାକ୍ଷାତ କରି କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହି ସମୟରେ ଜିଲାପାଳଙ୍କ କାର୍ଯ୍ୟାଳୟର ବିଭିନ୍ନ ବିଭାଗୀୟ ଅଧିକାରୀ, କର୍ମଚାରୀ, ବିଭିନ୍ନ ବ୍ଲକର ବିଡିଓ ଓ ତହସିଲଦାରମାନେ ପାତ୍ରଙ୍କୁ ସାକ୍ଷାତ କରି ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଛନ୍ତି। ସୂଚନାଯୋଗ୍ୟ ଯେ, ପାତ୍ର ପୂର୍ବରୁ ଜିଲାର ବିଭିନ୍ନ ପ୍ରଶାସନିକ ବିଭାଗରେ ଦକ୍ଷତାର ସହ କାମ କରିଥିଲେ।

# ପାଣି ସମସ୍ୟା: ମହିଳାଙ୍କ ରାସ୍ତାରୋକୋ



ମହିଳାମାନେ ରାସ୍ତାରୋକୋ କରି ବିକ୍ଷୋଭ କରୁଛନ୍ତି।

**ବାଲିକୁଦା, ୫।୨ (ତାପସ ସ୍ୱାଇଁ)**

ପାଣି ସମସ୍ୟା ଦୂର କରିବା ମହିଳାମାନେ ରାଜ ରାସ୍ତାକୁ ଓହ୍ଲାଇଛନ୍ତି। ବାଲ୍‌ଟି, ମାଠିଆ ଧରି ସୋମବାର ସକାଳୁ ବାଲିକୁଦା ବ୍ଲକ ଅନନ୍ତପୁର ପଞ୍ଚାୟତ ଅନ୍ତର୍ଗତ ଗୋପୀନାଥପୁର, ପ୍ରହରାଜପୁର, ସାମନ୍ତରାପୁର ଆଦି ୩ଟି ଗାଁର ଶତାଧିକ ମହିଳା ନହରଣା-ତିହୁଡ଼ି ମୁଖ୍ୟ ରାସ୍ତାର ନୂଆଗାଁ ଛକ ନିକଟରେ ଧାରଣା ଦେଇଥିଲେ । ଖବରପାଇ ଅନନ୍ତପୁର ଫାଣ୍ଡି ଅଧିକାରୀ ବୈକୁଣ୍ଠନାଥ ଘଡ଼ାଇ ଓ ଅନନ୍ତପୁର ସରପଞ୍ଚଙ୍କ ପ୍ରତିନିଧି ରମେଶ ପୋଲେଇ ଆନ୍ଦୋଳନରତ ମହିଳାଙ୍କ ନିକଟରେ ପହଞ୍ଚି ସନ୍ଧ୍ୟା ଭିତରେ ସମସ୍ୟାର ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ସେମାନଙ୍କ ଧାରଣା ପ୍ରତ୍ୟାହୃତ ହୋଇଥିଲା।

୧୦ ଦିନ ହେବ ଏହି ବ୍ଲକର ଅନନ୍ତପୁର, କୁଶୁପୁର, ରାହାଣ, ଖାଲଗାଁ ଓ ଅପଣ୍ଡରା ପଞ୍ଚାୟତକୁ ପାନୀୟ ଜଳ ଯୋଗାଣ ବନ୍ଦ ରହିଛି । ଫଳରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସରପଞ୍ଚମାନେ ବିଦ୍ୟୁତ୍ ବିଲ୍ ପଇଠ କରି ନ ଥିବା କାରଣରୁ ବିଦ୍ୟୁତ୍ ସଂଯୋଗ ବନ୍ଦ ରହିଛି। ଫଳରେ ଶୋଭା ପମ୍ପ ହାଉସରୁ ଏସବୁ ପଞ୍ଚାୟତକୁ ଯୋଗା ଯାଉଥିବା ପାନୀୟ ଜଳ ଯୋଗାଣ ବନ୍ଦ ହୋଇଯାଇଛି। ଜଳ ଯୋଗାଣ କେନ୍ଦ୍ରରେ ବିଦ୍ୟୁତ୍ ବିଭାଗ ପ୍ରିପେଡ୍ ମିଟର ଲଗାଇଥିବା ବେଳେ ଟଙ୍କା ସରିଯିବା କାରଣରୁ ଆପଣାଛାଏ ବିଦ୍ୟୁତ୍ ସେବା ବିଚ୍ଛିନ୍ନ ହୋଇଥିବା ଜାଣିବାକୁ ମିଳିଛି । ଟଙ୍କା ସରିବାର ଯଥେଷ୍ଟ ପୂର୍ବରୁ ବିଭାଗ ପକ୍ଷରୁ ସରପଞ୍ଚମାନଙ୍କୁ ଅବଗତ କରାଯାଇଥିଲେ ସୁଦ୍ଧା ସେମାନେ ଏଥି ପ୍ରତି କର୍ଣ୍ଣପାତ କରି ନ ଥିଲେ। ଫଳରେ ଏଭଳି ସମସ୍ୟା ଉପୁଜିଥିବା କୁହାଯାଇଛି। ଏନେଇ ଗ୍ରାମୀଣ ପାନୀୟ ଜଳ ଯୋଗାଣ ବିଭାଗୀୟ ଯନ୍ତ୍ରୀ ଭାରତ ଭୂଷଣ ଲେଙ୍କାଙ୍କୁ ପଚାରିବାରୁ ବିଦ୍ୟୁତ୍ ବିଲ୍ ପଇଠ ପାଇଁ ସରପଞ୍ଚମାନଙ୍କୁ କୁହାଯାଇଛି । ସେମାନେ ବିଲ୍ ପଇଠ କରିବା କଥା। ଆମେ ଏଥିରେ କିଛି କରି ପାରିବୁ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି।

# ନାନୋ ତରଳ ସାର ବ୍ୟବହାର ପାଇଁ ପରାମର୍ଶ




ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିବା ଅତିଥିମାନେ।

**ପାରାଦୀପ, ୫।୨ (ଶରତ ରାଉତ)**

## ଇଫ୍‌କୋ ପକ୍ଷରୁ ଦିନିକିଆ କୃଷକ ପ୍ରଶିକ୍ଷଣ ଶିବିର

ଇଫ୍‌କୋ ସାର କାରଖାନା ପକ୍ଷରୁ ଦିନିକିଆ କୃଷକ ପ୍ରଶିକ୍ଷଣ ଶିବିର କେନ୍ଦ୍ରାପଡା ଜିଲା କୁସୁନପୁର ବଡ଼ବେତରାଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗରଦପୁର ବ୍ଲକର ୧୨୦ ଚାଷୀ ଭାଗ ନେଇଥିଲେ। ସେମାନଙ୍କୁ ଫସଲରେ ଜୈବିକ ସାର ବ୍ୟବହାର କିପରି କରାଯିବ ସେ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା। ବିଶେଷକରି ଇଫ୍‌କୋ ଏବେ ଯେଉଁ ନୂଆ ନାନୋ ତରଳ ସାର ଉତ୍ପାଦନ ଆରମ୍ଭ କରିଛି ତାକୁ କିପରି ବ୍ୟବହାର କରାଯିବ ସେ ସମ୍ପର୍କରେ ମଣ୍ଡଳ କୃଷି ଅଧିକାରୀ ଗୌତମ ଦାସ ଓ ଇଫ୍‌କୋ ତାଲିମ ଶିବିରର ଅଧ୍ୟାପକ କୁଳମଣି ମାଝି ବୁଝାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇଫ୍‌କୋ ଲୋକସମ୍ପର୍କ ଅଧିକାରୀ ପ୍ରସନ୍ନ କୁମାର ବେଉରା, ସ୍ଥାନୀୟ ସରପଞ୍ଚ ସଂଯୁକ୍ତା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ୨ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ଶିବିର

**ତିର୍ତ୍ତୋଲ, ୫।୨ (ଗୌରାଙ୍ଗ ଚରଣ ସ୍ୱାଇଁ)**

ତିର୍ତ୍ତୋଲ ବ୍ଲକ ମଣିଜଙ୍ଗା ଓ କଟରା ପଞ୍ଚାୟତରେ ମଙ୍ଗଳବାର ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପାଲା ଓ ଲୋକକଳା ମାଧ୍ୟମରେ ସରକାରୀ ଯୋଜନା ସମ୍ପର୍କରେ ଲୋକମାନଙ୍କୁ ସଚେତନ କରାଯାଇଥିଲା। ମଣିଜଙ୍ଗା ପଞ୍ଚାୟତରେ ଅନୁଷ୍ଠିତ ସଭାରେ ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ କୁମାର ଦାସ ସଭାପତିତ୍ୱ କରିଥିଲେ। ଅତିଥିଭାବେ ବିଡିଓ ତପନ କୁମାର ସେନାପତି, ସମ୍ମାନିତ ଅତିଥି ଭାବେ ତିର୍ତ୍ତୋଲ ବ୍ଲକ ଅଧ୍ୟକ୍ଷ ମନୋଜ କୁମାର ବେହେରା, ଅବସରପ୍ରାପ୍ତ ବାୟୁସେନା ଅଧିକାରୀ ଶୁଶାନ୍ତ ଶେଖର ସାହୁ, ଗୀତିକାର ଅରୁଣ ମନ୍ତ୍ରୀ, ଆଇନଜୀବୀ ଓମ୍‌ପ୍ରକାଶ ଦାସ ପ୍ରମୁଖ ଯୋଗଦେଇଥିଲେ। କଟରା ପଞ୍ଚାୟତରେ ସରପଞ୍ଚ ସଂହିତା ବଳ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ବ୍ଲକ ଅଧ୍ୟକ୍ଷ ମନୋଜ କୁମାର ବେହେରା, ବ୍ଲକ ଉପାଧ୍ୟକ୍ଷା ସନ୍ଧ୍ୟାରାଣୀ ମହାନ୍ତି, ଜିଲା ପରିଷଦ ସଭ୍ୟ ତଥା ବ୍ଲକ ବିଜେଡି ସଭାପତି ଗଙ୍ଗାଧର ବିଶ୍ୱାଳ, ସୁନୀଲ କୁମାର ବେହେରା, ଜିଲା ପରିଷଦ ସଭ୍ୟା ରଞ୍ଜିତା ସିଂ, ଅତିରିକ୍ତ ବିଡିଓ ସତ୍ୟଜିତ ସ୍ୱାଇଁ, ସାମାଜିକ କର୍ମୀ ବେଣୁଧର ବିଶ୍ୱାଳ, କାର୍ଯ୍ୟନିର୍ବାହୀ ଅଧିକାରୀ ଗୌତମ ପରିଡ଼ାଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଜନମଙ୍ଗଳ କାର୍ଯ୍ୟକ୍ରମ ସମ୍ପର୍କରେ ତଥ୍ୟଭିତ୍ତିକ ବିବରଣୀ ଉପସ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଆର୍‌ଏସ୍ ସରୋଜ କୁମାର ସ୍ୱାଇଁଙ୍କ ସହ ଏମ୍‌ବିକେ, ସିଆର୍‌ସିସି, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ଓ ଆଶାକର୍ମୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିବାରେ ସହାୟତା କରିଥିଲେ। କାର୍ଯ୍ୟକ୍ରମକୁ ସରସ ସୁନ୍ଦର କରିବା ପାଇଁ ନୃତ୍ୟ ସଙ୍ଗୀତ, ପାଲା ଆଦି ଲୋକନୃତ୍ୟ, ଲୋକକଳା ଓ ଲୋକ ସଙ୍ଗୀତ ପରିବେଷଣ କରାଯାଇଥିଲା।

# ଆମ୍ବେଡକରଙ୍କୁ ହରାଇ ହିନ୍ଦୁସ୍ଥାନ ସ୍ପୋର୍ଟିଂ ଚାମ୍ପିୟନ

**ଜଗତ୍‌ସିଂହପୁର, ୫।୨ (ପ୍ରମୋଦ କୁମାର ନାୟକ)**

ଜଗତ୍‌ସିଂହପୁରରେ ଚାଲିଥିବା ଅନିଲ ମେମୋରିଆଲ ଗୋଲ୍‌ଡେନ୍ କପ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜଗତ୍‌ସିଂହପୁରର ଆମ୍ବେଡକର କ୍ରିକେଟ କ୍ଲବକୁ ହରାଇ ସ୍ଥାନୀୟ ହିନ୍ଦୁସ୍ଥାନ ସ୍ପୋର୍ଟିଂ ଚାମ୍ପିୟନ ହୋଇଛି। ପ୍ରଥମେ ଟସ୍ ଜିତି ହିନ୍ଦୁସ୍ଥାନ ସ୍ପୋର୍ଟିଂ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଦଳର ଅଶ୍ୱିନୀ ଖଟେଇଙ୍କ ଆକର୍ଷଣୀୟ ବ୍ୟାଟିଂ ସହାୟତାରେ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ୧୯୯ ରନ ସଂଗ୍ରହ କରିଥିଲା। ଖଟେଇ ୫୭ ବଲ ଖେଳି ସର୍ବାଧିକ ୯୨ ରନ କରିଥିଲେ। ଆମ୍ବେଡକର କ୍ରିକେଟ କ୍ଲବର ବୁଟା ସିଂହ ୩ ଓଭର ବୋଲିଂ କରି ୩୩ ରନ ଦେଇ ୩ ଉଇକେଟ ନେଇଥିଲେ। ୨୦୦ ରନ ବିଜୟ ଲକ୍ଷ୍ୟ ନେଇ ଆମ୍ବେଡକର କ୍ରିକେଟ କ୍ଲବ ବ୍ୟାଟିଂ କରିଥିଲା। ମାତ୍ର ୨୦ ଓଭରରେ ୫ ଉଇକେଟ ବିନିମୟରେ ୧୪୧ ରନ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା। ଦଳ ପକ୍ଷରୁ ଅରୁଣ ମହାରଣା ୨୨ଟି ବଲ ଖେଳି ୨୯ ରନ୍ ଓ ଶୁଭମ ସାହୁ ୩୨ ବଲରେ ୨୮ ରନ କରି ଅପରାଜିତ ଥିଲେ। ହିନ୍ଦୁସ୍ଥାନ ସ୍ପୋର୍ଟିଂର ମାନସ କୁମାର ମୁଦୁଲି ୪ ଓଭରରେ ଗୋଟିଏ ମେଡେନ ସହ ୧୭ ରନ ବିନିମୟରେ ୩ଟି ଉଇକେଟ ହାସଲ କରିଥିଲେ। ଟୁର୍ନାମେଣ୍ଟରେ ଶ୍ରେଷ୍ଠ ବୋଲର ଭାବେ ଅରୁଣ ମହାରଣା, ଶ୍ରେଷ୍ଠ ଖେଳାଳି ଅଶ୍ୱିନୀ ଖଟେଇ, ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ କିଷାନ ରଥ, ଶ୍ରେଷ୍ଠ ଉଇକେଟ ରକ୍ଷକ ସୁବ୍ରତ କୁମାର ପ୍ରଧାନ ଓ ଶ୍ରେଷ୍ଠ ଫିଲ୍ଡର ଭାବେ ଲକ୍ଷ୍ମୀଧର ପ୍ରଧାନଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିଥିଭାବେ ଜଗତ୍‌ସିଂହପୁର ପୂର୍ବତନ ବିଧାୟକ ଚିରଞ୍ଜୀବ ବିଶ୍ୱାଳ, ଜଗତ୍‌ସିଂହପୁର ପୂର୍ବତନ ପୌରାଧ୍ୟକ୍ଷ ସତ୍ୟବ୍ରତ ମହାପାତ୍ର, ପୂର୍ବତନ ଜିଲା ପରିଷଦ ସଭାପତି ନଟବର ବାରିକ, ଜଗତ୍‌ସିଂହପୁର ପୌରାଧ୍ୟକ୍ଷା ଅର୍ଚ୍ଚନା ସିଂହ, ଆଇନଜୀବୀ ସୁଶାନ୍ତ କୁମାର କାନୁନଗୋ, ପ୍ରଶାନ୍ତି ଦେ, ସୁଶାନ୍ତ ଅଧିକାରୀ, ଆୟୋଜକ ଦଳର ଉପଦେଷ୍ଟା ଅକ୍ଷୟ ପାତ୍ର, ଲକ୍ଷ୍ମୀ ନାରାୟଣ ମିଶ୍ର ଓ ସଭାପତି କୃଷ୍ଣଚନ୍ଦ୍ର ଦାସ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବଦ୍ରି ମହାନ୍ତି, ଲିପୁ ମହାପାତ୍ର ଏବଂ ଓମ୍‌ପ୍ରକାଶ ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିଲେ। ମ୍ୟାଚକୁ ଜୟନ୍ତ ଦାସ ଓ ସଞ୍ଜୀବ ବେହେରା ପରିଚାଳନା କରିଥିଲେ। କ୍ରିଶୀ ଗ୍ରହାଚାର୍ଯ୍ୟ, ସାଇକୃଷ୍ଣ ଦାଶ, ବିଶ୍ୱଜିତ ସେଠୀ, ସତ୍ୟଜିତ ସେଠୀ, ରୁଦ୍ର ମଲ୍ଲିକ, ସାହିଲ ଚୌଧୁରୀ, ଦୁର୍ଗା ବିଶୋଇ ଓ ସନ୍ତୋଷ ଜେନା ପ୍ରମୁଖ ସହଯୋଗ କରିଥିଲେ।

## ଅନିଲ ମେମୋରିଆଲ ଗୋଲ୍‌ଡେନ୍ କପ୍ କ୍ରିକେଟ



ହିନ୍ଦୁସ୍ଥାନ ସ୍ପୋର୍ଟିଂ ଟିମ୍‌କୁ ଅତିଥି ଚାମ୍ପିୟନ ଟ୍ରଫି ପ୍ରଦାନ କରୁଛନ୍ତି।

# ବୃହତ୍ ବନ୍ଦର ଖେଳକୁଦରେ ଧ୍ରୁବଚନ୍ଦ୍ରଙ୍କୁ ପୁରସ୍କାର




ଗୋପବନ୍ଧୁ ଷ୍ଟାଡିୟମରେ ଧ୍ରୁବଚନ୍ଦ୍ର ତରାଇଙ୍କୁ ବନ୍ଦର ଅଧ୍ୟକ୍ଷ ପି.ଏଲ୍. ହାରାନ୍ଧ ପୁରସ୍କୃତ କରୁଛନ୍ତି।

**ପାରାଦୀପ, ୫।୨ (ଶରତ ରାଉତ)**

ପାରାଦୀପର ନୂଆବଜାର ଗୋପବନ୍ଧୁ ଷ୍ଟାଡିୟମରେ ଦେଶର ବୃହତ୍ ବନ୍ଦର ମଧ୍ୟରେ ୪ ଦିନିଆ ଖେଳକୁଦ ସମାରୋହ ଅନୁଷ୍ଠିତ ହୋଇଥିଲା। ଏଥିରେ ପାରାଦୀପ ବନ୍ଦର ଦଳଗତ ଚାମ୍ପିୟନ ହୋଇଥିବାବେଳେ ମୁମ୍ବାଇ ରନସଅପ୍ ହୋଇଥିଲା। ଏହି ଅବସରରେ ପାରାଦୀପ ବନ୍ଦର କର୍ମଚାରୀ ଧ୍ରୁବଚନ୍ଦ୍ର ତରାଇଙ୍କୁ ବନ୍ଦର ଅଧ୍ୟକ୍ଷ ପି.ଏଲ୍. ହାରାନ୍ଧ ୫୦ ହଜାର ଟଙ୍କା ପୁରସ୍କାର ଦେଇଥିଲେ। ଧ୍ରୁବଚନ୍ଦ୍ର ଫିଲିପାଇନ୍ସଠାରେ ୨୦୨୩ରେ ଆନ୍ତର୍ଜାତିକ ଖେଳରେ ଭାଗ ନେଇଥିଲେ।

# ତରାସ ପଞ୍ଚାୟତରେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ

**ରାଜକନିକା, ୫।୨ (ରବୀନ୍ଦ୍ର କୁମାର ଦାସ)**

ରାଜକନିକା ବ୍ଲକ ତରାସ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହାକୁ ରାଜକନିକା ବିଡିଓ ପୃଥ୍ୱୀରାଜ ପରିଡ଼ା ମୁଖ୍ୟଅତିଥି ଭାବେ ଉଦ୍‌ଘାଟନ କରିଥିବା ବେଳେ କନିକା ଅତିରିକ୍ତ ତହସିଲଦାର ଦିନେଶ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କନିକା ତହସିଲ ଓ ରାଜକନିକା ବ୍ଲକ ପକ୍ଷରୁ ୨୧ଟି ଟେବୁଲ କରାଯାଇ ବିଭିନ୍ନ ବିଭାଗର ୨୧ଜଣ ଅଧିକାରୀ ଉପସ୍ଥିତ ରହି ଜନସାଧାରଣଙ୍କର ଅଭିଯୋଗ ଗ୍ରହଣ କରିଥିଲେ। ଏଥିରେ ୭୫ଟି ଅଭିଯୋଗ ପତ୍ର ପ୍ରଶାସନ ଗ୍ରହଣ କରିଥିଲା। କାର୍ଯ୍ୟକ୍ରମରେ ସରପଞ୍ଚ ମନୋରମା ନାୟକ, ପିଇଓ ଜୟନ୍ତ ନାୟକ, ଜିଆରଏସ୍ ଗୋଲାପୀରାଣୀ ବେହୁରା ଉପସ୍ଥିତ ରହି ସହଯୋଗ କରିଥିଲେ।

# ସନ୍ଦିଗ୍ଧ ପୋଡ଼ା କାରକୁ ନେଇ ଗ୍ରାମବାସୀ ଆତଙ୍କିତ

**କୁଜଙ୍ଗ, ୫।୨ (ମନୋଜ ପ୍ରଧାନ)**



କୁଜଙ୍ଗ ଥାନା ମଙ୍ଗରାଜପୁର ପଞ୍ଚାୟତ ଅନ୍ତର୍ଗତ ସନ୍ତରା ଦଣ୍ଡାରେ ଏକ ଅଜଣା ପୋଡା କାର ଦେଖି ଗ୍ରାମବାସୀ ଭୟଭୀତ ହୋଇଯାଇଛନ୍ତି। ଶନିବାର ବିଳମ୍ବିତ ରାତିରେ କୌଣସି ଦୁର୍ବୃତ୍ତ ସମ୍ପୂର୍ଣ୍ଣ ପୋଡିଯାଇଥିବା ଏକ କାରକୁ ଆଣି ଏଠାରେ ରଖି ଚାଲିଯାଇଥିଲେ। ରବିବାର ଭୋରୁ ଗାଁ ଲୋକ ଉଠି ଏହି କାର ଦେଖିଥିଲେ। ଇତିମଧ୍ୟରେ ୩ ଦିନ ବିତିଯାଇଥିଲେ ମଧ୍ୟ କାର କାହାର ଓ କେଉଁଠୁ ଆସିଲା ତାହା ଅଦ୍ୟାବଧି ଜଣାପଡ଼ିନାହିଁ । ପୋଲିସ ଏହି ଘଟଣାର ତଦନ୍ତ କରି ସତ୍ୟାସତ୍ୟ ପଦାକୁ ଆଣିବା ପାଇଁ ସନ୍ତରା ଗ୍ରାମବାସୀ ତଥା ଶ୍ରମିକ ନେତା ନିର୍ଭୟ ସାମନ୍ତରାୟ ଦାବି କରିଛନ୍ତି । ଏ ସମ୍ପର୍କରେ ଥାନା ଅଧିକାରୀ ରଶ୍ମିରଞ୍ଜନ ଦାସଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ମୋବାଇଲ ଫୋନ ଉଠାଇ ନ ଥିଲେ।

# ଅଧ୍ୟକ୍ଷଙ୍କ ବୟାନ, ଚିଠିରେ ତାଳମେଳ ରହୁନି

## ଏସ୍‌ଭିଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟ

- ଅର୍ଥ ତୋସରପାତ ସଂକ୍ରାନ୍ତରେ କିରାଣି ନିଲମ୍ବନ ପ୍ରସଙ୍ଗ
- ୭୦ ଦିନ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ

**ଜଗତ୍‌ସିଂହପୁର, ୫।୨ (ପ୍ରମୋଦ କୁମାର ନାୟକ)**

ଜଗତ୍‌ସିଂହପୁର ସ୍ୱାମୀ ବିବେକାନନ୍ଦ ସ୍ମାରକ (ଏସ୍‌ଭିଏମ୍) ସ୍ୱୟଂଶାସିତ ମହାବିଦ୍ୟାଳୟର ଅର୍ଥ ଅନିୟମିତତା ପ୍ରସଙ୍ଗରେ ମହାବିଦ୍ୟାଳୟର ଗଭର୍ଣ୍ଣିଂ ବଡିର ପୂର୍ବତନ କ୍ୟାଶିୟର କୈଳାସ ଚନ୍ଦ୍ର ପାଣିଙ୍କୁ ନିଲମ୍ବନ ପାଇଁ ଅଧ୍ୟକ୍ଷ ବିଜୟ ପାତ୍ର ନିର୍ଦ୍ଦେଶ ଦେଇଥିଲେ। ଇତିମଧ୍ୟରେ ୭୦ଦିନରୁ ଅଧିକ ସମୟ ବିତିଯାଇଥିଲେ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ନାହିଁ। ଏ ପରିସ୍ଥିତିରେ ମହାବିଦ୍ୟାଳୟ ଅଧ୍ୟକ୍ଷ ପାତ୍ର ଗଣମାଧ୍ୟମ ଆଗରେ ଗୋଟିଏ କଥା କହୁଥିବାବେଳେ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ସ୍ୱତନ୍ତ୍ର ସଚିବଙ୍କୁ ଚିଠି ସହ ଅନ୍ୟ କିଛି ଉଲ୍ଲେଖ କରିଛନ୍ତି। ତାଙ୍କ ବୟାନ ଓ ଚିଠିରେ ତାଳମେଳ ରହୁନି।

ଅଧ୍ୟକ୍ଷ ପାତ୍ର ଗତ ୨ ତାରିଖରେ ଉଚ୍ଚଶିକ୍ଷା ବିଭାଗ ସ୍ୱତନ୍ତ୍ର ସଚିବଙ୍କୁ ମହାବିଦ୍ୟାଳୟ ବରିଷ୍ଠ କିରାଣି (ପୂର୍ବତନ କ୍ୟାଶିୟର) ପାଣିଙ୍କୁ ନିଲମ୍ବନ ସମ୍ପର୍କରେ ଚିଠି କରିଛନ୍ତି। ସେ ଉକ୍ତ ଚିଠିରେ ଦର୍ଶାଇଛନ୍ତି, ୧୯।୧୧।୨୦୨୩ରେ ମହାବିଦ୍ୟାଳୟ ପରିସରରେ ଗଭର୍ଣ୍ଣିଂ ବଡି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପୂର୍ବତନ ଆକାଉଣ୍ଟାଣ୍ଟ ପ୍ରଭାକର ରାଉତଙ୍କ ଅଭିଯୋଗ ଆଧାରରେ ବରିଷ୍ଠ କିରାଣି ପାଣିଙ୍କୁ ନିଲମ୍ବନ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ପାଣିଙ୍କ ନାଁରେ ଆର୍ଥିକ ଅନିୟମିତତା ଅଭିଯୋଗ ଥିଲା। ଏନେଇ ଅଧ୍ୟକ୍ଷ ତାଙ୍କୁ ନିଲମ୍ବନ କରିବା କଥା। କିନ୍ତୁ ଏହାର ସତ୍ୟାସତ୍ୟ ଜାଣିବା ପାଇଁ ସେ ଏକ ତଦନ୍ତ କମିଟି ଗଠନ କରିଥିଲେ ; ଯେଉଁଥିରେ ଆଡମିନିଷ୍ଟ୍ରେଟିଭ ବର୍ଷାର, ଆକାଉଣ୍ଟସ୍ ବର୍ଷାର, ମୁଖ୍ୟ କିରାଣି ଓ ଅନ୍ୟମାନେ ଥିଲେ। ସେମାନେ ଏହା ଉପରେ ପୂର୍ଣ୍ଣ ତଦନ୍ତ କରି ରିପୋର୍ଟ ଦେବାକୁ କୁହାଯାଇଥିଲା। କିନ୍ତୁ ପାଣି ଅସହଯୋଗ କରୁଥିବା କମିଟି ଦର୍ଶାଇଥିଲା। ତେଣୁ ନିଲମ୍ବନ ପାଇଁ ଆପଣଙ୍କ ଅନୁମୋଦନ ଆବଶ୍ୟକ ବୋଲି ବିଭାଗୀୟ ସ୍ୱତନ୍ତ୍ର ସଚିବଙ୍କୁ ଅଧ୍ୟକ୍ଷ ଚିଠି ମାଧ୍ୟମରେ ଦର୍ଶାଇଛନ୍ତି।

ଏହାର ଦିନକ ପରେ ଅର୍ଥାତ୍ ଶନିବାର ବିଭିନ୍ନ ଗଣମାଧ୍ୟମ ପ୍ରତିନିଧିଙ୍କୁ ଅଧ୍ୟକ୍ଷ ପାତ୍ର କିଛି ନିଆରା ସୂଚନା ଦେଇଛନ୍ତି। ସେ କହିଛନ୍ତି, ୧୯।୧୧।୨୩ରେ ଗଭର୍ଣ୍ଣିଂ ବଡି ବୈଠକରେ କିରାଣି ପାଣି ଅର୍ଥ ତୋସରପାତ କରିଥିବା ପୂର୍ବତନ କିରାଣି ପ୍ରଭାକର ରାଉତ ଅଭିଯୋଗ କରିଥିଲେ। ଏହି ଆଧାରରେ ଗଭର୍ଣ୍ଣିଂ ବଡି ପାଣିଙ୍କୁ ନିଲମ୍ବନ କରିବାକୁ ନିଷ୍ପତ୍ତି ନେଇଥିଲା। ଏହି ନିଷ୍ପତ୍ତିକୁ ଅଧ୍ୟକ୍ଷ କାର୍ଯ୍ୟକାରୀ କରିବା କଥା। ବାସ୍ତବରେ ୨ ଜଣ କର୍ମଚାରୀଙ୍କ ଆଭ୍ୟନ୍ତରୀଣ ବିବାଦ ଯୋଗୁ ଗଭର୍ଣ୍ଣିଂ ବଡି ପାଣିଙ୍କ ନିଲମ୍ବନ ଉପରେ ଆଲୋଚନା କରିଥିଲା। ଅଭିଯୁକ୍ତଙ୍କୁ କାରଣ ଦର୍ଶାଅ ନୋଟିସ କରାଯାଇଥିଲା। ତାଙ୍କ ପାଖରେ ମହାବିଦ୍ୟାଳୟ ଅର୍ଥ ନାହିଁ ବୋଲି ପାଣି କହିଥିଲେ। ଏଥିରେ ସନ୍ତୁଷ୍ଟ ନ ହୋଇ ଅଧ୍ୟକ୍ଷ ହିସାବରେ ସେ ତଦନ୍ତ କମିଟି ଗଠନ କରିଥିଲେ। କିନ୍ତୁ ପରେ ପାଣି ତଦନ୍ତରେ ସହଯୋଗ କରୁ ନ ଥିବା କମିଟି ଦର୍ଶାଇଥିଲା। ସହଯୋଗ କାହିଁକି କରୁନାହାନ୍ତି ବୋଲି ପାଣିଙ୍କୁ ମଧ୍ୟ ଚିଠି ହୋଇଥିଲା। କିନ୍ତୁ ସେ ସହଯୋଗ କରିଥିବା କହିଥିଲେ। ତଦନ୍ତ କମିଟି ଏହା ଭିତରେ କୌଣସି ସିଦ୍ଧାନ୍ତମୂଳକ ତଥ୍ୟ ଦେଇନାହିଁ। ଯେହେତୁ ପ୍ରକ୍ରିୟାରେ ବିଳମ୍ବ ହେଉଛି ତେଣୁ କ'ଣ ପଦକ୍ଷେପ ନିଆଯାଇପାରିବ ସେ ସମ୍ପର୍କରେ ସରକାର ଉପଦେଶ ଦିଅନ୍ତୁ ବୋଲି ଚିଠି କରାଯାଇଥିବା ଅଧ୍ୟକ୍ଷ ପାତ୍ର କହିଛନ୍ତି। ଗୋଟିଏ ପଟେ ପାଣିଙ୍କ ନିଲମ୍ବନ ପାଇଁ ବିଭାଗୀୟ ସ୍ୱତନ୍ତ୍ର ସଚିବଙ୍କ ଅନୁମୋଦନ ନେଇ ଅଧ୍ୟକ୍ଷ ଚିଠି କରିଥିବାବେଳେ ଅନ୍ୟପଟେ ଗଣମାଧ୍ୟମ ଆଗରେ କ'ଣ ପଦକ୍ଷେପ ନିଆଯାଇପାରିବ ସେ ସମ୍ପର୍କରେ ସରକାର ଉପଦେଶ ଦିଅନ୍ତୁ ବୋଲି କହିବା ବିସ୍ମୟ ସୃଷ୍ଟି କରିଛି। ଏହା ଉପରେ ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ସତ୍ୟାସତ୍ୟ ପଦାକୁ ଆସିବ ବୋଲି ସାଧାରଣରେ ଦାବି ହେଉଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ପବିତ୍ର



@ ରିତୁ



@ ସରୋଜ



@ ସୁଧାଂଶୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# କ୍ଷୁଦ୍ର ଉଠା ଜଳସେଚନ ପ୍ରକଳ୍ପ ଶୁଭାରମ୍ଭ

**ନାଉଗାଁ, ୫।୨ (ସୁଧା ବେହୁରା)**

ନାଉଗାଁ ବ୍ଲକ ଅନ୍ତର୍ଗତ ଅରଖକୁଦ ଗ୍ରାମର ଦେବୀନଦୀ ପଠାରେ ରାଜ୍ୟ ସରକାରଙ୍କ ଓଡ଼ିଶା କୃଷି ଶିଳ୍ପ ନିଗମ ଲିମିଟେଡ୍ ପକ୍ଷରୁ କ୍ଷୁଦ୍ର ଉଠା ଜଳସେଚନ ପ୍ରକଳ୍ପର ଶୁଭାରମ୍ଭ କରାଯାଇଛି। ମୁଖ୍ୟ ଅତିଥିଭାବେ ଓଡ଼ିଶା କୃଷି ଶିଳ୍ପ ନିଗମ ଲିମିଟେଡ୍ ଉପାଧ୍ୟକ୍ଷ ଡା. ସନ୍ତୋଷ କୁମାର ବେଜ୍ ଯୋଗଦେଇ ଏହାକୁ ଉଦ୍‌ଘାଟନ କରି କହିଥିଲେ, ଏହି ପ୍ରକଳ୍ପ ହେବା ଦ୍ୱାରା ଚାଷୀମାନେ ଉପକୃତ ହେବେ। ଅନ୍ୟମାନଙ୍କ ମଧ୍ୟରେ ନିଗମର ଜଗତ୍‌ସିଂହପୁର ଜିଲା ପରିଚାଳକ ସନ୍ତୋଷ କୁମାର ନାୟକ, କନିଷ୍ଠ ଯନ୍ତ୍ରୀ ସୁରେଶ ଚନ୍ଦ୍ର ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଏହି ପ୍ରକଳ୍ପ ପାଇଁ ୨୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରାଯାଇଛି ବୋଲି କନିଷ୍ଠ ଯନ୍ତ୍ରୀ ବେହେରା ସୂଚନା ଦେଇଛନ୍ତି।

# ବାସନ୍ଦ ନିର୍ଯାତନା ସହି ନ ପାରି ଆତ୍ମହତ୍ୟା

ନୟାଗଡ଼,୫।୨(ଲୋକନାଥ ମିଶ୍ର)

## ଚାହାଲିରେ କଙ୍ଗାରୁ କୋର୍ଟ ମାମଲା

■ଭୁବନେଶ୍ୱରର ଏକ ହସ୍ପିଟାଲରେ ୧୦ ଦିନ ଚିକିତ୍ସିତ ହୋଇଥିଲେ

■ଜାମିନରେ ଆସିଥିବା ୪ ଅଭିଯୁକ୍ତଙ୍କ ବଢ଼ିଲା ଅଡୁଆ

କଙ୍ଗାରୁକୋର୍ଟର ଅତ୍ୟାଚାର ଓ ବାସନ୍ଦ ପରି ଦୁଃଖକୁ ସହ୍ୟ କରି ନ ପାରି ବିଷ ପିଇ ଭୁବନେଶ୍ୱରର ଏକ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ନୟାଗଡ଼ ସଦର ଥାନା ନୂଆଗାଁ ବ୍ଲକ ଚାହାଲି ଗାଁର ସୁବାସ ଚନ୍ଦ୍ର ବେହେରା(୫୪) ସୋମବାର ଆଖି ବୁଝିଛନ୍ତି। ସୋମବାର ଡାକ୍ତର ମୃତ ଘୋଷଣା କରିବା ପରେ ପରିବାର ଲୋକ ମୃତଦେହକୁ ଚାହାଲି ଆଣି ସଂସ୍କାର କରିଛନ୍ତି। ସୁବାସଙ୍କ ମୃତ୍ୟୁ ପରେ ବାସନ୍ଦ ନିର୍ଯାତନା ଦେଇ ଜାମିନରେ ଆସିଥିବା ଚାଳାଳିର ୪ ଅଭିଯୁକ୍ତଙ୍କ ଅଡୁଆ ବଢ଼ିଛି। ସୁବାସ ଭୁବନେଶ୍ୱର ହସ୍ପିଟାଲରେ ୧୦ଦିନ ଧରି ଚିକିତ୍ସିତ ହେଉଥିଲେ।

ଅଭିଯୋଗ ଅନୁସାରେ, ଚାହାଲି ଗାଁର ସୁବାସଙ୍କୁ ଏକ ଘରକିଆ କରି ନିଆଁ, ପାଣି ବାସନ୍ଦ କରାଯାଇଥିଲା। ଏପରିକି ପରିବାରର ସଦସ୍ୟଙ୍କ ପାଇଁ ସ୍କୁଲ, ଟିଉସନ ଓ ଦୋକାନକୁ ଯିବାକୁ ବାରଣ କରାଯାଇଥିଲା। ଗାଁର ଲୋକଙ୍କ ସହ କଥା ହୋଇ ପାରୁ ନ ଥିଲେ। କଥା ହେଲେ ଗାଁ ଲୋକଙ୍କ ପାଇଁ ୧୦ ହଜାର ଟଙ୍କା ଜରିମାନା ଘୋଷଣା କରାଯାଇଥିଲା। ଭୟରେ ଲୋକମାନେ ସୁବାସଙ୍କ ପରିବାର ସହ କଥା ହେଉ ନ ଥିଲେ। ଗାଁରେ ମିଶିବାକୁ ହେଲେ ୫ ହଜାର ଜରିମାନା ଦେବାକୁ କୁହାଗଲା। ୫ ହଜାର ଜରିମାନା ଦେବାକୁ ସୁବାସ ଅରାଜି ହେବା ପରେ ଅଶ୍ଲୀଳ ଗାଳିଗୁଲଜ କରି କଙ୍ଗାରୁକୋର୍ଟରୁ ବାହାର କରି ଦିଆଯାଇଥିଲା। ପୋଲିସରେ ଅଭିଯୋଗ ପରେ ମଧ୍ୟ ନିର୍ଯାତନା କମି ନ ଥିଲା। ପୋଲିସଠାରୁ ନ୍ୟାୟ ନ ପାଇ ସୁବାସ ଜାନୁଆରୀ ୨୭ରେ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। କଙ୍ଗାରୁକୋର୍ଟ ଘଟଣାରେ ସୁବାସଙ୍କ ଝିଅ ଅର୍ଚ୍ଚନାଙ୍କ ଅଭିଯୋଗ ଓ ଆତ୍ମହତ୍ୟା ଉଦ୍ୟମ ପୂର୍ବର ତାଙ୍କ ହାତଲେଖା ଚିଠିକୁ ନେଇ ନୟାଗଡ଼ ସଦର ଥାନା ପୋଲିସ ନଂ.୩୧/୨୪ରେ ମାମଲା ରୁଜୁ କରି ଗାଁ ସଭାପତି ରମାକାନ୍ତ ମିଶ୍ର(୬୨), ଗାଁ ବାସିନ୍ଦା ତଥା ନୂଆଗାଁ ଥାନା କନେଷ୍ଟବଳ ସନ୍ତୋଷ କୁମାର ବେହେରା(୪୮), ଗାଁ କମିଟି ସଭ୍ୟ ମାଗୁଣି ବେହେରା(୫୭) ଓ ବଂଶୀଧର ମିଶ୍ର(୭୦) ପ୍ରମୁଖଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ପରେ ୪ ଅଭିଯୁକ୍ତଙ୍କୁ ଜେଲ ଯିବାକୁ ପଡ଼ିଥିଲା। ଅନ୍ୟପକ୍ଷେ ପରବର୍ତ୍ତୀ ସମୟରେ ୪ ଅଭିଯୁକ୍ତ ଜାମିନରେ ଅଛନ୍ତି। ସେହିଭଳି ସୁବାସଙ୍କ ଚିଠି ଓ ଝିଅଙ୍କ ଅଭିଯୋଗକୁ ଭିତ୍ତିକରି ନୟାଗଡ଼ ଏସ୍‌ପି ନୂଆଗାଁ ଥାନାରେ କାର୍ଯ୍ୟରତ କନେଷ୍ଟବଳ ସନ୍ତୋଷ କୁମାର ବେହେରା (୪୮)ଙ୍କୁ ନିଲମ୍ବିତ କରିଥିଲେ।

### ସୁରକ୍ଷା, ନ୍ୟାୟ ପାଇଁ ଝିଅଙ୍କ ନିବେଦନ

ଚାହାଲି କଙ୍ଗାରୁକୋର୍ଟ ଘଟଣାରେ ନୟାଗଡ଼ ସଦର ଥାନା ପକ୍ଷରୁ ଦଫା କୋହଳ କରାଯାଇଥିବା ସୁବାସଙ୍କ ପରିବାର ପକ୍ଷରୁ ଅଭିଯୋଗ ହୋଇ ଆସୁଛି। ସୁବାସଙ୍କ ଝିଅ ଅର୍ଚ୍ଚନାଙ୍କ ଅଭିଯୋଗ ଅନୁସାରେ ଅଭିଯୁକ୍ତ କନେଷ୍ଟବଳଙ୍କ ସମେତ ଅନ୍ୟ ଅଭିଯୁକ୍ତଙ୍କୁ ଖସାଇବା ପାଇଁ ପୋଲିସ କେବଳ ଦଫା ୩୮୬, ୩୪ ଆଇପିସି ଲଗାଇ ମାମଲା କରିଥିଲା। ଦଫା କୋହଳ ପରେ ଅଭିଯୁକ୍ତ ଜାମିନ ପାଇଗଲେ। ସେପଟେ ମୋ ବାପା ଭୁବନେଶ୍ୱର ହସ୍ପିଟାଲରେ ମୃତ୍ୟୁ ସହ ଲଢ଼େଇ କର ଆଖି ବୁଜିଛନ୍ତି। ପୋଲିସର କଙ୍ଗାରୁକୋର୍ଟ ପ୍ରତି ସମବେଦନା ଓ ଅନୁକମ୍ପା ବଦଳିବା ଦରକାର। ନଚେତ ମୋ ବାପା ପରି ଅନେକ ଲୋକ କଙ୍ଗାରୁକୋର୍ଟ ଦ୍ୱାରା ନିର୍ଯାତିତ ହୋଇ ଆଖି ବୁଜିବେ। ବାପାଙ୍କ ମୃତ୍ୟୁ ପରେ ଆମ ପରିବାର ଅସୁରକ୍ଷିତ। ଆମକୁ ସୁରକ୍ଷା ଓ ନ୍ୟାୟ ଦରକାର ବୋଲି କହିଥିଲେ। ଅନ୍ୟପକ୍ଷେ ଅଭିଯୁକ୍ତ କନେଷ୍ଟବଳଙ୍କୁ ନିଲମ୍ବିତ ନୁହେଁ ବହିଷ୍କାର କରାଯିବା ଦରକାର। ପୁଣି ଗାଁ ସଭାପତିଙ୍କ ସମେତ ଅନ୍ୟ ଅଭିଯୁକ୍ତଙ୍କୁ କଠୋର ଦଣ୍ଡରେ ଦଣ୍ଡିତ କରାଯିବା ଦରକାର। ହେଲେ ମୋ ଦାବି ସବୁ ସ୍ତରରେ ପହଞ୍ଚି ପାରୁ ନ ଥିବାରୁ ଅଭିଯୁକ୍ତମାନେ ଆଇନର ଫାଙ୍କ ଦେଇ ଖସି ଯାଉଛନ୍ତି।

## ଯୋଡ଼ି ହେଲା ୩୦୬ ଦଫା

ନୟାଗଡ଼ ଏସ୍‌ଡିପିଓ ସ୍ନେହାଶିଷ ସାହୁଙ୍କୁ ପଚାରିବାରେ ଚାହାଳି ଘଟଣାରେ ପୋଲିସ ଅଭିଯୁକ୍ତଙ୍କୁ ଅନୁକମ୍ପା ଦେଖାଇନାହିଁ। ଜେଲ ଯାଇଥିବା ୪ ଅଭିଯୁକ୍ତଙ୍କ ମଧ୍ୟରୁ ଜଣେ କନେଷ୍ଟବଳ କଙ୍ଗାରୁକୋର୍ଟରେ ସାମିଲ ଥିବା ଜଣାପଡିବା ପରେ ଏସ୍‌ପି ନିଲମ୍ବନ କରିଛନ୍ତି। ସୁବାସଙ୍କ ମୃତ୍ୟୁ ପରେ ୩୮୬, ୩୪ ଦଫା ସହ ୩୦୬ ଦଫା ଯୋଡ଼ି ହୋଇଛି। ସୁବାସଙ୍କ ମୃତ୍ୟୁ ନେଇ ମଙ୍ଗଳବାର କୋର୍ଟଙ୍କୁ ଅବଗତ କରାଯିବ। ଜାମିନରେ ଆସିଥିବା ଅଭିଯୁକ୍ତମାନଙ୍କ ଉପରେ କୋର୍ଟ ଯାହା କିଛି ପଦକ୍ଷେପ ନେବେ ବୋଲି କହିଛନ୍ତି। ନୟାଗଡ଼ ବାର ଆସୋସିଏଶନର ପୂର୍ବତନ ସଭାପତି ଅମୀୟ ପଟ୍ଟନାୟକ କହିଛନ୍ତି, ନୟାଗଡ଼ ଜିଲାରେ ଚାଲିଥିବା କଙ୍ଗାରୁକୋର୍ଟକୁ ନିନ୍ଦା କରୁଛି। କଙ୍ଗାରୁକୋର୍ଟରେ ନିର୍ଯାତିତ ସୁବାସଙ୍କ ମୃତ୍ୟୁ ପରେ ଅଭିଯୁକ୍ତମାନଙ୍କୁ କେସରୁ ଖସିବା କାଠିକର ପାଠ ହେବ। ଅଭିଯୁକ୍ତମାନେ ଜାମିନ ଯଦି ପାଇଥାନ୍ତି ଅଭିଯୋଗ ଆଣିଥିବା ଅଭିଯୋଗକାରୀ ଉପଯୁକ୍ତ ଅଦାଲତରେ ପୁଣି ମୃତ୍ୟୁକୁ ନେଇ ପୁନର୍ବାର ଅଭିଯୋଗ କରନ୍ତୁ। ଅଭିଯୋଗକାରୀ ଓ ତାଙ୍କ ପରିବାର ଯଦି ସୁରକ୍ଷିତ ମନେ କରୁନାହାନ୍ତି ତେବେ କୋର୍ଟରେ ସୁରକ୍ଷା ପାଇଁ ଦରଖାସ୍ତ କରିପାରିବେ। ୩୦୬ ଓ ୩୮୬ ଦଫା ଏକ ପ୍ରକାରର। ଉଭୟରେ ଦଣ୍ଡର ସମୀ ପ୍ରାୟ ସମାନ ରହିଛି।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ପବିତ୍ର



@ ରିତୁ



@ ସରୋଜ



@ ସୁଧାଂଶୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପଲ୍‌ଟନ ପଡ଼ିଆରେ ହେବ ମାଘମେଳା




ମାଘମେଳା ପ୍ରସ୍ତୁତି ବୈଠକରେ ଯୋଗ ଦେଇଥିବା ପ୍ରଶାସନିକ ଅଧିକାରୀ ଓ ଅନ୍ୟମନେ।

ଖଣ୍ଡପଡା,୫।୨
(ଅଜୟ କୁମାର ମହାରଣା)

ଜଗନ୍ନାଥ ସଂସ୍କୃତିର ଆଦି ପୀଠ କଣ୍ଟିଲୋ ଶ୍ରୀନୀଳମାଧବ ଜୀଉଙ୍କ ପବିତ୍ର ତଥା ଐତିହାସିକ ପାରମ୍ପରିକ ଭୈମୀ ଏକାଦଶୀ(ମାଘମେଳା)ମେଳା ଆସନ୍ତା ୨୩ରୁ ୨୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ଠାକୁରଙ୍କ ଏହି ପବିତ୍ର ତଥା ପାରମ୍ପରିକ ମେଳା ଦୀର୍ଘବର୍ଷରୁ ନୀଳମାଧବ ଜୀଉଙ୍କ ମାଘମେଳା ପଡ଼ିଆରେ ଅନୁଷ୍ଠିତ ହୋଇ ଆସୁଥିଲା। ମାତ୍ର ଉକ୍ତ ପଡିଆକୁ ନୀଳମାଧବ ବିକାଶ ପ୍ରକଳ୍ପ ଯୋଜନାରେ ପାର୍କି ସ୍ଥାନ ଭାବେ ସମ୍ପ୍ରତି ନିର୍ମାଣ କରାଯାଉଥିବାରୁ ଏହି ମେଳାକୁ ଚଳିତବର୍ଷ ସ୍ଥାନୀୟ ପଲଟନ ପଡ଼ିଆରେ କରାଯିବାକୁ ସୋମବାର ମାଘମେଳା ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହି ପ୍ରସିଦ୍ଧ ମେଳାକୁ ସରସ ସୁନ୍ଦର କରିବା ପାଇଁ ନୟାଗଡ଼ ଜିଲା ପ୍ରଶାସନ ପକ୍ଷରୁ ପ୍ରତିବର୍ଷ ଭଳି ଚଳିତବର୍ଷ କରାଯିବା ପାଇଁ ଖଣ୍ଡପଡା ବ୍ଲକ ସମ୍ମିଳନୀ କକ୍ଷରେ ଖଣ୍ଡପଡ଼ା ତହସିଲଦାର ତଥା ଦେବୋତର କାର୍ଯ୍ୟ ନିର୍ବାହୀ ଅଧିକାରୀ ଧୋବେଇ ନାୟକଙ୍କ ପୌରୋହିତ୍ୟରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଡିଓ ଅଙ୍କୁର ଅଭିଳାଷ, ବ୍ଲକ ଉପାଧ୍ୟକ୍ଷ ଶିଶିର କୁମାର ସାହୁ, ବିଦ୍ୟୁତ ବିଭାଗ କନିଷ୍ଠଯନ୍ତ୍ରୀ ଇଂ. ବନ ବିହାରୀ ମଙ୍ଗରାଜ, ଆଇଆଇସି ଜ୍ୟୋତି ପ୍ରକାଶ ସ୍ୱାଇଁ, କଣ୍ଟିଲୋ ସରପଞ୍ଚ ଶ୍ରୀୟାରାଣୀ ବେହେରା, ଜିଲା ପରିଷଦ ସଭ୍ୟା ଉଜ୍ଜଳ ମହାରଣା, ଖଣ୍ଡପଡ଼ା ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ଇଂ. ରାଧେଶ୍ୟାମ କାଲୋ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ କନିଷ୍ଠଯନ୍ତ୍ରୀ ଇଂ. ମନୋରଞ୍ଜନ ହୋତା, ଅଗ୍ନିଶମ ଅଧିକାରୀ ଅଜୟ କୁମାର ପାଇକରାୟ, କଣ୍ଟିଲୋ ନାଗରିକ ମଞ୍ଚ ସଭାପତି ଅଖିଳ କୁମାର ମହାରଣା, ବିକାଶ ପରିଷଦ ସଭାପତି ଯୁଗଳ କିଶୋର ନାୟକ, ସମ୍ପାଦକ ବସନ୍ତ କୁମାର ସାହୁ, ଦେବୋତର ମ୍ୟାନେଜର ହରିହର ଦାଶ, ମାଘମେଳା କମିଟି ସଦସ୍ୟ ପ୍ରଭାକର ଶିରୋମଣ, ଶ୍ରୀପତି ମହାରଣା, ଅଜୟ କୁମାର ମହାରଣା, ଶତ୍ରୁଘ୍ନ ବେହେରା, ସମିତିସଭ୍ୟାଙ୍କ ପ୍ରତିନିଧି ସରୋଜ କୁମର ବେହେରାଙ୍କ ସମେତ ଖଣ୍ଡପଡ଼ା ଓ ନୟାଗଡ଼ ଜିଲା ପ୍ରଶାସନର ବିଭାଗୀୟ ଅଧିକାରୀମାନେ ଯୋଗଦେଇଥିଲେ। ଏହି ଅବସରରେ ମାଘମେଳା ମହୋତ୍ସବ ସହ ବିଭିନ୍ନ ଯାତ୍ରା ପାର୍ଟି ସେମାନଙ୍କ ଯାତ୍ରା ମାର୍ଚ୍ଚ ୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି ପ୍ରସ୍ତାବ ଗ୍ରହଣ କରାଯାଇଛି। ମେଳାକୁ ସରସ ସୁନ୍ଦର କରାଯିବା ପାଇଁ ଉପାଧ୍ୟକ୍ଷ ଶିଶିର କୁମାର ସାହୁ କେତେକ ପ୍ରସ୍ତାବ ରଖି ଏହି ପବିତ୍ର ମେଳାର ସଫଳ ରୂପାୟନ ପାଇଁ ସମସ୍ତଙ୍କ ସହଯୋଗ କାମନା କରି ଧନ୍ୟବାଦ ପ୍ରଦାନ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମକୁ ଦେବୋତର ମ୍ୟାନେଜର ଦାଶ ସଂଯୋଜନା କରିଥିଲେ।

# ସେମିଫାଇନାଲରେ ରଘୁନାଥ ଏଫ୍‌ସି ଟାଙ୍ଗୀ

ଭାପୁର, ୫।୨
(ଭରତ କୁମାର ବେହେରା )

## ରାଜ୍ୟସ୍ତରୀୟ ବାଇଗୁଣିଆ କପ୍ ଫୁଟବଲ୍ ଟୁର୍ନାମେଣ୍ଟ

ଭାପୁର ବ୍ଲକ ଅନ୍ତର୍ଗତ ବାଇଗୁଣିଆ ଖେଳପଡ଼ିଆରେ ୟୁଥ୍ ସ୍ପୋର୍ଟସ କ୍ଲବ ଆସୋସିଏଶନ୍ ଆନୁକୂଲ୍ୟରେ ୨୭ତମ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟର ଦ୍ୱିତୀୟ ଦିନରେ ସୋମବାର ରଘୁନାଥ ଏଫ୍.ସି. ଟାଙ୍ଗୀ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ଖେଳ ମା’ ମଙ୍ଗଳା ଖୋର୍ଦ୍ଧା ସହ ରଘୁନାଥ ଏଫ୍.ସି.ଟାଙ୍ଗୀ ଫୁଟବଲ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମ୍ୟାଚର ପ୍ରଥମାର୍ଦ୍ଧର ଖେଳ ୧୫ ମିନିଟ୍‌ରେ ଟାଙ୍ଗୀ ଫୁଟବଲ ଟିମ୍‌ର ଜର୍ସି ନଂ. ୮ ଜଟିଆ ପ୍ରଥମ ଗୋଲ ଖୋର୍ଦ୍ଧାକୁ ଦେଇଥିଲେ। ମ୍ୟାଚର ଦ୍ୱିତୀୟାର୍ଦ୍ଧରେ କେହି କାହାକୁ ଗୋଲ ଦେଇ ପାରି ନ ଥିଲେ ଫଳରେ ରଘୁନାଥ ଏଫ୍‌ସି ଟାଙ୍ଗୀ ମା’ ମଙ୍ଗଳା ଖୋର୍ଦ୍ଧାକୁ ୧-୦ ଗୋଲ ଦେଇ ବିଜୟୀ ହୋଇ ଦ୍ୱିତୀୟ ଦଳ ଭାବେ ସେମିଫାଇନାଲ ପ୍ରବେଶ କରିଥିଲା। ମ୍ୟାଚରେ ମୁଖ୍ୟଅତିଥି ଭାବେ ବିରଞ୍ଚି ନାରାୟଣ ଦାଶ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବାଘୁଆପଲ୍ଲୀ ପଞ୍ଚାୟତର ପୂର୍ବତନ ସରପଞ୍ଚ ନବକିଶୋର ସାହୁ, ବାଇଗୁଣିଆ ପଞ୍ଚାୟତ ସରପଞ୍ଚ ପ୍ରତିନିଧି ନାରାୟଣ ମହାରଣା, ପୂର୍ବତନ ସମିତିସଭ୍ୟ ଲିଙ୍ଗରାଜ ଦାଶ ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଖେଳରେ ମୁଖ୍ୟ ରେଫରୀ ଭାବେ ପ୍ରସନ୍ନ କୁମାର ନାୟକ, ଲାଇନରେ ଆଶିଷ କୁମାର ପଟ୍ଟନାୟକ , ଜଗନ୍ନାଥ ପରିଡ଼ା ଓ ଚତୁର୍ଥ ରେଫରୀ ଭାବେ ଜାତୀୟ ହ୍ୟାଣ୍ଡବଲ ଖେଳାଳି କାହ୍ନୁଚରଣ ମହାରଣା ଦାୟିତ୍ୱ ତୁଲାଇଥିଲେ। ୟୁଥ୍ କ୍ଲବ୍ ଆସୋସିଏଶନର ସଭାପତି ସର୍ବେଶ୍ୱର ମହାରଣା ଧାରା ବିବରଣୀ ପ୍ରଦାନ କରିଥିଲେ। ମଙ୍ଗଳବାର ଯଦୁମଣି କ୍ଲବ୍ ଇଟାମାଟି ସହ ୭୨ କ୍ଲବ ଭୁବନେଶ୍ୱର ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ ବୋଲି କ୍ଲବର କୋଷାଧ୍ୟକ୍ଷ ସୁରେଶ କୁମାର ବେହେରାଙ୍କଠାରୁ ସୂଚନା ମିଳିଛି।



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିମାନେ।

# ବନ ବିଭାଗ ପକ୍ଷରୁ ୫୦ରୁ ଊର୍ଦ୍ଧ୍ୱ ଶାଳଗଣ୍ଡି, ସାଇଜ୍ କାଠ ଜବତ



ଓଡ଼ଗାଁ, ୫।୨
(ଆଦର୍ଶ କୁମାର ପଟ୍ଟନାୟକ )

ନୟାଗଡ଼ ଜିଲା ଓଡ଼ଗାଁ ବନାଞ୍ଚଳ ଅନ୍ତର୍ଗତ ସାକେରୀ ପାଣିବନ୍ଧ ଓ କୁଶଡ଼ିପି ଗ୍ରାମରୁ ବନ ବିଭାଗ ଅତର୍କିତ ଚଢ଼ାଉ କରି ମୂଲ୍ୟବାନ କାଠ ସମେତ ସାଇଜ ଜବତ କରିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ସୋମବାର ଅପରାହ୍ନରେ ବିଶେଷ ସୂତ୍ରରୁ ଖବର ପାଇଁ ବନାଞ୍ଚଳ ଅଧିକାରୀ ନିଖିଳେଶ ମଲ୍ଲିକଙ୍କ ନିର୍ଦ୍ଦେଶକ୍ରମେ ବନପାଳ ସରିତା ବରାଳ, ସାକେରୀ ବିଟ୍ ବନରକ୍ଷୀ ଦିଲୀପ କୁମାର ପ୍ରଧାନ, ଟିମ୍ ସାକେରୀ ପାଣିବନ୍ଧ ଓ କୁଶଡ଼ିପି ଗ୍ରାମରେ ଚଢ଼ାଉ କରିଥିଲେ। ବନ ବିଭାଗର ଗାଡିକୁ ଦେଖି ଦୁର୍ବୃତ୍ତ ଫେରାର ହୋଇଯାଇଥିବାବେଳେ ଘଟଣାସ୍ଥଳରୁ ବନ ବିଭାଗ ମୂଲ୍ୟବାନ ୪୦ରୁ ଊର୍ଦ୍ଧ୍ୱ ଶାଳ ଗଣ୍ଡି ଓ ସାଇଜ ଜବତ କରିଥିଲେ। ଜବତ କାଠର ଆନୁମାନିକ ମୂଲ୍ୟ ୭୦ ହଜାର ହେବ ବୋଲି ଜଣାପଡିଛି। ଏହି ଚଢ଼ାଉରେ ବନପାଳଙ୍କ ସମେତ ଫରେଷ୍ଟ ସ୍କ୍ୱାଡ୍ ଓ ଟିମ୍ ସାମିଲ ଥିଲେ। ବନ ବିଭାଗର ଏଭଳି ଚଢ଼ାଉ ଜାରି ରହିଲେ କାଠ ଚୋରି ବନ୍ଦ ହେବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।



ବନ ବିଭାଗ କର୍ମଚାରୀ ଜବତ କରିଥିବା ସାଇଜ କାଠ, ଶାଳଗଣ୍ଡି।

# ପଞ୍ଚୁପାଣ୍ଡବ ମହୋତ୍ସବ, ପଲ୍ଲିଶ୍ରୀ ମେଳା ଉଦ୍‌ଯାପିତ



ମହୋତ୍ସବ ଉଦ୍‌ଯାପନୀ ସଭାରେ ମଞ୍ଚାସୀନ ଅତିଥି।

ନୂଆଗାଁ, ୫।୨ (ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ କଲେଜ ସମ୍ମୁଖ ପଡ଼ିଆରେ ଶୁକ୍ରବାର ଆରମ୍ଭ ହୋଇଥିବା ପଞ୍ଚୁପାଣ୍ଡବ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳାର ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ପ୍ରତିଦିନ ପରି ନୂଆଗାଁ ବ୍ଲକର ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଯୁକ୍ତ ୩ ଡିଗ୍ରୀ କଲେଜ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପରିବେଶିତ ପାଞ୍ଚାଲୀ ନାଟକ ଦର୍ଶକମାନଙ୍କୁ ଆକୃଷ୍ଟ କରିପାରିଥିଲା। ଉଦ୍‌ଯାପନୀ ସଭାରେ ବିଧାୟକ ରମେଶ ଚନ୍ଦ୍ର ବେହେରା, ନୟାଗଡ଼ ଆଡିସନାଲ ଏସ୍‌ପି ସୁବାସ ଚନ୍ଦ୍ର ପଣ୍ଡା, ନୟାଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷା ନିରୁପମା ଖଟେଇ, ନୂଆଗାଁ ତହସିଲଦାର ହେମନ୍ତ କୁମାର ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନଙ୍କ ଦ୍ୱାରା ସ୍ମରଣିକା ପାଞ୍ଚାଳୀ ଉନ୍ମୋଚନ କରାଯାଇଥିଲା। ସନ୍ଧ୍ୟାରେ ସୁନ୍ଦରଗଡ଼ ଲୋକନୃତ୍ୟ ଝୁମୁର, ମାଲକାନଗିରିର ଆଦିବାସୀ ନୃତ୍ୟ ଶାଶ୍ୱତ ମିଶ୍ରଙ୍କ ସମ୍ବଲପୁରୀ ଅର୍କେଷ୍ଟ୍ରାରେ ଦର୍ଶକମାନେ ଝୁମିଥିଲେ।

### ଲଟେରି ଦେଉଛି ଲାଭ

ପଞ୍ଚୁପାଣ୍ଡବ ମହୋତ୍ସବ ଉପଲକ୍ଷେ ଲଟେରି ଆୟୋଜନ କରାଯାଇଛି। ପ୍ରତି ଲଟେରିର ଦାମ ମାତ୍ର ଶହେ ଟଙ୍କା ରହିଥିବା ବେଳେ ଭାଗ୍ୟଶାଳୀ ବିଜେତା ବାଇକ, ଏଲଇଡି ଟିଭି, ଗ୍ରାଇଣ୍ଡର ଭଳି ଦାମୀ ଉପହାର ପାଉଛନ୍ତି। ଏଥିସହ ମହୋତ୍ସବ ପାଇଁ ବେଶ୍ ମୋଟା ଅଙ୍କର ଅର୍ଥ ଆଦାୟ ହୋଇପାରୁଛି ଏବଂ ଲଟେରୀ ଟିକେଟ୍ କିଣିଥିବା ବ୍ୟକ୍ତିମାନେ ବିଜୟ ଆଶାୟୀ ହୋଇ ମହୋତ୍ସବ ପଡିଆରେ ଭିଡ ଜମାଉଥିଲେ।

### ଆସିଲେନି ଅନେକ ନମନ୍ତ୍ରିତ ଅତିଥି

ମହୋତ୍ସବ ପାଇଁ ନିମନ୍ତ୍ରିତ ହୋଇଥିବା ଏବଂ ନିମନ୍ତ୍ରଣ ପତ୍ରରେ ଲେଖାଥିବା ଅନେକ ଅତିଥି ମହୋତ୍ସବକୁ ଆସି ନ ଥିଲେ। ମନ୍ତ୍ରୀ ତୁଷାରକାନ୍ତୀ ବେହେରା, ବିଧାୟକ ଦିବ୍ୟ ଶଙ୍କର ମିଶ୍ର, ବିଧାୟକ ପଦ୍ମନାଭ ବେହେରା, ନୟାଗଡ଼ ଜିଲାପାଳ, ଡିଏଫ୍‌ଓ, ଏସ୍‌ପି, ଏସ୍‌ଡିପିଓ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ, ୩ ବ୍ଲକର ଉପାଧ୍ୟକ୍ଷ, ଦଶପଲ୍ଲା ଏନ୍‌ଏସି ଉପାଧ୍ୟକ୍ଷ ଏପରି ଅନେକ ଅତିଥି ଆସି ନ ଥିଲେ।

## ଶହୀଦ କଷ୍ଟି ଡାକୁଆଙ୍କୁ ଅଣଦେଖା

ପଞ୍ଚୁପାଣ୍ଡବ ମହୋତ୍ସବରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ନିମନ୍ତେ ଉଦ୍ଦିଷ୍ଟ ମଞ୍ଚକୁ ଶହୀଦ୍ କଷ୍ଟି ଡାକୁଆ ସାଂସ୍କୃତିକ ମଞ୍ଚ ନାମରେ ନାମିତ କରାଯାଇଛି। କିନ୍ତୁ ଦୁଃଖ ଓ ପରିତାପର ବିଷୟ ମହୋତ୍ସବ ଉଦ୍‌ଘାଟନ ପାଇଁ ଆୟୋଜିତ ହୋଇଥିବା ମଶାଲ ଶୋଭାଯାତ୍ରା କଷ୍ଟି ଡାକୁଆଙ୍କ ଶହୀଦ ପୀଠ ଦେଇ ଆସିଥିଲେ ମଧ୍ୟତାଙ୍କ ସ୍ମୃତି ସ୍ତମ୍ଭରେ ପୁଷ୍ପମାଲ୍ୟ କିମ୍ବା ଦ୍ୱୀପଟିଏ ମଧ୍ୟ ଦିଆଗଲାନାହିଁ। ସେହିଭଳି କଷ୍ଟି ଡାକୁଆଙ୍କ ଜନ୍ମପୀଠ କୁଶିବିଡ଼ା ଗାଁ ଅବହେଳିତ ହୋଇ ରହିଥିଲେ ମଧ୍ୟ କେହି ଦୃଷ୍ଟି ଦେଉ ନ ଥିବା ଆଇନଜୀବୀ ଜିତେନ୍ଦ୍ର କୁମାର ସାହୁ, କଷ୍ଟି ଡାକୁଆ ବିକାଶ ମଞ୍ଚର ଆବାହକ ଶରତ ଚନ୍ଦ୍ର ସ୍ୱାଇଁଙ୍କ ସମେତ ଅନ୍ୟମାନେ କ୍ଷୋଭର ସହ ଅଭିଯୋଗ କରିଛନ୍ତି। ସେହିଭଳି ପଞ୍ଚୁପାଣ୍ଡବ ମହୋତ୍ସବର ପଲ୍ଲିଶ୍ରୀ ମେଳାକୁ ଦାସିଆ ଅଜା ପଲ୍ଲିଶ୍ରୀ ମେଳା ନାମରେ ନାମିତ କରାଯାଇଥିଲେ ମଧ୍ୟ ବିଶ୍ୱ ଦରବାରରେ ନୂଆଗାଁକୁ ପରିଚୟ ଦେଇଥିବା ଦାସିଆ ଅଜାଙ୍କ ଦ୍ୱାରା ପ୍ରତିଷ୍ଠିତ ସଂଗ୍ରାହାଳୟ, ପାଠାଗାରର ବିକାଶ ପାଇଁ କାହାରି ଚିନ୍ତା ନାହିଁ। ଏପରିକି ସଂଗ୍ରାହଳୟକୁ ଯିବା ରାସ୍ତାରେ ଗୋଟିଏ ଫାଟକ ଅର୍ଦ୍ଧ ନିର୍ମିତ ହୋଇ ରହିଥିଲେ ମଧ୍ୟ ତାହାର ପୂର୍ଣ୍ଣାଙ୍କ ହୋଇପାରୁନାହିଁ।

